୧୬ ପୃଷ୍ଠା

ନିତିଦିନ NITIDIN

# ନଜର

THE SUNDAY SECTION OF NITIDIN




ମନୋରଞ୍ଜନ

ସୁଟିଂ ଆରମ୍ଭ କଲେ ଅଜୟ ଓ ତମନ୍ନା


ରବିବାର ମ୍ୟାଗାଜିନ୍

ରବିବାର, ୧୩ ଏପ୍ରିଲ୍ ,୨୦୨୫




## ଉତ୍କଳୀୟ ନବବର୍ଷ

# ବିଷୁବ ସଂକ୍ରାନ୍ତି

# ସ୍ୱାମୀ ବିବେକାନନ୍ଦ ୩୩

■ ମନୋଜ କୁମାର ମହାପାତ୍ର

## ସମଗ୍ର ହିମାଳୟ ପର୍ବତଶ୍ରେଣୀରେ ପ୍ରତ୍ୟେକ ବାଲିକଣାରେ ଶିବ ଅନୁଭୂତ

# ଅମରନାଥ ଓ କ୍ଷୀର ଭବାନୀରେ ଦିବ୍ୟଦର୍ଶନ



ଅମରନାଥ ଯାତ୍ରା ସମୟରେ ସ୍ୱାମିଜୀ ଖୁବ୍ ଧ୍ୟାନସ୍ଥ ହୋଇପଡୁଥିଲେ। ଅମରନାଥଙ୍କର ଦର୍ଶନ ହେବ। ଦର୍ଶନ କରିବେ ନିଜ ସ୍ୱରୂପକୁ। ଅମରନାଥରେ ପହଞ୍ଚି ସ୍ୱାମିଜୀ ସ୍ନାନକଲେ ଝରଣାରେ। ଅମରନାଥଙ୍କ ହିମଲିଙ୍ଗ ଦର୍ଶନରେ କମ୍ପିତ ହେଉଥିଲା ସର୍ବାଙ୍ଗ ଶରୀର। ବିଭୂତି ଆଚ୍ଛାଦିତ ଶରୀର ଓ ମୁଖମଣ୍ଡଳ ପ୍ରେମରେ ଜ୍ୟୋତିର୍ମୟ ହୋଇଉଠିଲା। ଦେହରେ ମାତ୍ର କୌପୀନ। ଶିବଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କଲେ ସ୍ୱାମିଜୀ। ଅମରନାଥର ଗିରିଗୁହା ସ୍ୱାମିଜୀଙ୍କ ମୁଖନିଃସୃତ ମନ୍ତ୍ରରେ ହେଲା ପ୍ରତିଧ୍ୱନିତ। ଏକ ଅଦ୍ଭୁତ ଅନୁଭୂତିରେ ହେଲା ଶରୀର ରୋମାଞ୍ଚିତ। ସ୍ୱୟଂ ଶିବ ଆର୍ବିଭୂତ ହେଲେ ତାଙ୍କ ସମ୍ମୁଖରେ। ନିଜ ସ୍ୱରୂପକୁ ଏଇଠି ହିଁ ଚିହ୍ନିଲେ। ଶ୍ରୀ ରାମକୃଷ୍ଣ ଭବିଷ୍ୟତବାଣୀ ଶୁଣାଇ କହିଥିଲେ ଯେଉଁଦିନ ନରେନ୍ ଜାଣିପାରିବ ଯେ ସେ କିଏ, ତାକୁ ଏହି ମର୍ତ୍ତ୍ୟମଣ୍ଡଳରେ କେହି ରଖି ପାରିବେନି। ସ୍ୱାମିଜୀ ଏଇଠି ଚିହ୍ନିଲେ ନିଜକୁ। କାଳେ ଦେହର ବିନାଶ ହୋଇଯିବ, ସେ ମାଗିନେଲେ ବର ଶିବଙ୍କଠାରୁ। ସେ ନ ଚାହିଁଲା ପର୍ଯ୍ୟନ୍ତ ତାଙ୍କର ଶରୀରର ବିନାଶ ହେବନାହିଁ। ବାଲ୍ୟକାଳରୁ ଏକ ଚିନ୍ତା ତାଙ୍କର ହୃଦୟକୁ ଗ୍ରାସ କରିଥିଲା ଯେ ତାଙ୍କର ମୃତ୍ୟୁ ହେବ ଏକ ଶିବ ମନ୍ଦିରରେ। ଅମରନାଥଙ୍କ ଶରୀରରେ ସେ ଲୀନ ହୋଇଯାଇଥାନ୍ତେ – ଅମରନାଥଙ୍କ କୃପାରୁ ତାଙ୍କର ଶରୀର ରକ୍ଷା ହେଲା। କିନ୍ତୁ ତାଙ୍କର ଶରୀର ସେହିଦିନଠୁଁ ହେଲା ଦୁର୍ବଳ। ବ୍ୟାଧିଗ୍ରସ୍ତ ହେଲେ। ସ୍ୱୟଂ ଶିବଙ୍କ ଦର୍ଶନରେ ସେ ଜାଣିଲେ ସେ ହିଁ ସ୍ୱୟଂ ଶିବ – ଅମରତ୍ୱର ପ୍ରତୀକ। ଅମରନାଥ ଦର୍ଶନ ପରେ ସ୍ୱାମିଜୀ ହେଲେ ଖୁବ୍ ଶାନ୍ତ ଓ ଧ୍ୟାନମଗ୍ନ। ଚତୁର୍ଦ୍ଦିଗ ଶିବମୟ ହୋଇଉଠିଲା। ସତେକି ସାରା ବିଶ୍ୱବ୍ରହ୍ମାଣ୍ଡ ହିଁ ଶିବ। ଲୀଳା ସାଙ୍ଗ କରିବାର ସମୟ ଉପସ୍ଥିତ।

ଅମରନାଥରୁ ପ୍ରତ୍ୟାବର୍ତ୍ତନ ସମୟରେ ମାଆ କ୍ଷୀର ଭବାନୀଙ୍କ ସହ ହେଲା ସାକ୍ଷାତ ଦର୍ଶନ। କାଶ୍ମୀର ରାଜ୍ୟରେ କ୍ଷୀର ଭବାନୀ ଏକ ପ୍ରସିଦ୍ଧ ଶକ୍ତିପୀଠ। ସେଠାକାର ପବିତ୍ର ପ୍ରସ୍ରବଣ ତଟରେ ଉପନୀତ ହୋଇ ସ୍ୱାମିଜୀ କଠୋର ତପସ୍ୟା ଓ ଧ୍ୟାନରେ ମଗ୍ନ ହେଲେ। ଜଗତଜନନୀ କ୍ଷୀର ଭବାନୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ବିଧିବଦ୍ଧ ପୂଜା ଅର୍ଚ୍ଚନା କଲେ। ଦିନେ ପ୍ରଜ୍ୱଳିତ ହୋମାଗ୍ନି ସମ୍ମୁଖରେ ଯୋଗାସନରେ ଉପବିଷ୍ଟ ହୋଇ ମହାମାୟାଙ୍କୁ ଧ୍ୟାନ କରିବାଲାଗି ଉଦ୍ୟତ ହେଲାବେଳେ ଦେବୀଙ୍କର ଭଗ୍ନ ମନ୍ଦିର ତାଙ୍କର ଦୃଷ୍ଟିଗୋଚର ହେଲା। ସେ ଜାଣିବାକୁ ପାଇଲେ ଯେ ଧର୍ମାନ୍ଧ ମୁସଲମାନମାନେ କ୍ଷୀର ଭବାନୀଙ୍କ ମନ୍ଦିର ଭାଙ୍ଗି ନଷ୍ଟଭ୍ରଷ୍ଟ କରିଦେଇଛନ୍ତି। ତାଙ୍କ ହୃଦୟ ଦୁଃଖ ଓ ଘୃଣାରେ ଭାଙ୍ଗିପଡ଼ିଲା ଏବଂ ତତ୍କ୍ଷଣାତ୍ ଭାବିଲେ, ଯେତେବେଳେ ଏହି ମନ୍ଦିରକୁ ମୁସଲମାନମାନେ ଭାଙ୍ଗି ଦେଉଥିଲେ, ସେତେବେଳେ ହିନ୍ଦୁମାନେ କ'ଣ ବାହୁବଳରେ ସେମାନଙ୍କୁ ପ୍ରତିରୋଧ କରିପାରିଲେ ନାହିଁ ? ମୁଁ ଯଦି ସେତେବେଳେ ଉପସ୍ଥିତ ଥାଆନ୍ତି, ତାହାହେଲେ ପ୍ରାଣପଣ କରି ଜନନୀଙ୍କ ମନ୍ଦିରକୁ ରକ୍ଷା କରିଥାନ୍ତା। କୌଣସି ମତେ ପବିତ୍ର ମନ୍ଦିରକୁ ଧ୍ୱଂସ ହେବାକୁ ଦେଇ ନଥାନ୍ତି।'

ସ୍ୱାମିଜୀ ଏତିକି ଭାବିଛନ୍ତି କି ନାହିଁ ହଠାତ୍ ଏକ ଅଦ୍ଭୁତ ଘଟଣା ଘଟିଲା। ଦୈବୀବାଣୀ ଶୁଣିବାକୁ ପାଇଲେ। ବିସ୍ମୟ, ବିମୂଢ଼ ବିବେକାନନ୍ଦ ଉତ୍କର୍ଣ୍ଣ ହୋଇ ଶୁଣିଲେ। ଜଗଜ୍ଜନନୀ ସସ୍ନେହେ ଭର୍ସନା କରି କହୁଛନ୍ତି – 'ଯଦି ବା ମୁସଲମାନମାନେ ମୋ ମନ୍ଦିରକୁ ଧ୍ୱଂସ କରି ପ୍ରତିମା ଅପବିତ୍ର କରିଛନ୍ତି, ସେଥିରେ ତୋର କ'ଣ ଅଛି ? ତୁ ମତେ ରକ୍ଷା କରିବୁ ନା ମୁଁ ତତେ ରକ୍ଷା କରିବି ?' କି ଆଶ୍ଚର୍ଯ୍ୟ ଘଟଣା ! ତଥାପି ସ୍ୱାମିଜୀ ବୁଝିପାରିଲେ ନାହିଁ ଜଗଜ୍ଜନନୀଙ୍କ ସସ୍ନେହ ଭର୍ସନାକୁ। ପରଦିନ ସେ ପୁନଃରାୟ ଭାବିଲେ ଯେ, ଯାହା ହେବାର ହେଇଯାଇଛି। କିନ୍ତୁ ଯେମିତି ହେଲେ ମୁଁ ଭିକ୍ଷାକରି ଅର୍ଥ ସଂଗ୍ରହ କରି ଜୀର୍ଣ୍ଣ ମନ୍ଦିରକୁ ପୁନଃନିର୍ମାଣ କରିବି। ସହସା ପୁନର୍ବାର ଦୈବୀବାଣୀ ସେ ଶୁଣିବାକୁ ପାଇଲେ। ଜନନୀ କହୁଛନ୍ତି, 'ଯଦି ମୋର ଇଚ୍ଛା ହୁଏ, ତାହାହେଲେ ମୁଁ କ'ଣ ସାତମହଲା ସୁବର୍ଣ୍ଣ ମନ୍ଦିର ଏହି ମୁହୂର୍ତ୍ତରେ ଗଠନ କରିପାରିବି ନାହିଁ ? ମୋ ଇଚ୍ଛାନୁସାରେ ଏହି ମନ୍ଦିର ଭଗ୍ନ ଅବସ୍ଥାରେ ପଡ଼ିରହିଛି। ମୁଁ ଯେମିତି ଚାହିଁଛି, ସେମିତି ହେଇଛି।'

ପ୍ରବୀର ସନ୍ନ୍ୟାସୀ ବିବେକାନନ୍ଦଙ୍କ ମନରେ ସାମୟିକ ଭାବରେ ଦେଖାଯାଇଥିବା ରଜୋଗୁଣରେ ଭରପୂର ଅହଙ୍କାର ମନ ନିମିଷକ ଭିତରେ ଭାଙ୍ଗି ଚୂନା ହେଇଗଲା ଏବଂ ଅହଂକାରର କଳାବାଦଲ ପେଟ ଚିରି ଜ୍ଞାନସୂର୍ଯ୍ୟ ପୁନର୍ବାର ଉଦ୍ଭାସିତ ହୋଇଉଠିଲେ ସ୍ୱାମିଜୀଙ୍କ ଚେତନା ରାଜ୍ୟରେ। ତାଙ୍କର ଦିବ୍ୟଦୃଷ୍ଟି ଖୁବ୍ ଉଜ୍ଜ୍ୱଳ ହୋଇଉଠିଲା। ସେ ଉପଲବ୍ଧି କଲେ ଯେ ମହାମାୟାଙ୍କ ବିରାଟ ଇଚ୍ଛାରେ ସେ ଯେପରି ଯନ୍ତ୍ରଚାଳିତ ହେଉଛନ୍ତି। କେବଳ ସେତିକି ନୁହେଁ, ଅଭିନବ ଅନୁଭୂତିରେ ତାଙ୍କ ପ୍ରାଣ ଅପୂର୍ବ ଶାନ୍ତିରେ ଭରି ଉଠିଲା। ସ୍ୱାମିଜୀଙ୍କର ଏହି ଘଟଣାରୁ ସ୍ପଷ୍ଟ ବୁଝିହୁଏ ଯେ ଧର୍ମ ମଣିଷକୁ ରକ୍ଷାକରେ, ମଣିଷ ଧର୍ମକୁ ରକ୍ଷା କରେ ନାହିଁ। ମଣିଷର ମନ ନିମ୍ନଚେତନା ସ୍ତରରେ ରହିଲେ, ସେ ଖୁବ୍ ଅହଂକାରୀ ଓ ସ୍ୱାର୍ଥପର ହେଇଉଠେ। ଧର୍ମାଧର୍ମ ଜ୍ଞାନ ରହେ ନାହିଁ, ଯାହା ଫଳରେ ସେ ନିଜ ଭିତରେ ଥିବା ଦେବତ୍ୱକୁ ଉପଲବ୍ଧି କରି ନପାରି ସମାଜରେ ଅନ୍ଧ ଭାବରେ ପ୍ରଚଳିତ ବ୍ୟବସାୟୀ ଧର୍ମକୁ ଜୀବନରେ ଆବୋରି ନିଏ, ଫଳରେ ଧର୍ମ ଉପାସନାସ୍ଥଳୀ ଭିତରେ ସୀମାବଦ୍ଧ ହୁଏ ଏବଂ ଉପାସନାସ୍ଥଳୀର ଯଦି କୌଣସି ପ୍ରକାର ଆଞ୍ଚ ଆସେ, ସେ ଉତ୍କ୍ଷିପ୍ତ ହୋଇଉଠେ। ହାଣକାଟ ହୁଏ। ରକ୍ତର ସୁଅ ଛୁଟେ। ଧର୍ମକୁ ରକ୍ଷା କରିବା ପାଇଁ ଖୁବ୍ ଚେଷ୍ଟାକରେ। ଧର୍ମ ତାକୁ ରକ୍ଷା କରିବା କଥା ସେ ଏକାବେଳେ ଭୁଲିଯାଏ। (କ୍ରମଶଃ)

ମୋ-୯୯୩୭୨୯୭୦୩୯

# ବାବାସାହେବ ଆମ୍ବେଦକର

● ଅରୁନ୍ଧତୀ ଦେବୀ



ବାବା ସାହେବ ନାମରେ ଜଣାଶୁଣା ଭୀମରାଓ୍ୱ ରାମଜୀ ଆମ୍ବେଦକରଙ୍କୁ ଭାରତୀୟ ସମ୍ବିଧାନର ଜନକ ତଥା ଆଧୁନିକ ବୌଦ୍ଧ ଆନ୍ଦୋଳନର ସେନାପତି କୁହାଯାଏ। ସେ ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ। ମଉ (ଆଧୁନିକ ମଧ୍ୟ ପ୍ରଦେଶ ଅନ୍ତର୍ଗତ ସହର)ର ସେନା ଛାଉଣିରେ ୧୮୯୧ ଏପ୍ରିଲ ଆଜିର ଦିନରେ, ପରାଧୀନ ଭାରତରେ ଅଛୁଆଁ କୁହାଯାଉଥିବା ମହାର ଜାତିରେ ଜନ୍ମ ହୋଇ ଶୈଶବରେ ସେ ନିର୍ଯାତିତ ହୋଇଥିଲେ। ଅକଥନୀୟ ନିର୍ଯାତନା ହିଁ ତାଙ୍କୁ କରିଥିଲା ସାହସୀ ଓ ଦାମ୍ଭିକ ଏବଂ ତାଙ୍କ ମଧ୍ୟରେ ସୃଷ୍ଟି କରିଥିଲା ନେତୃତ୍ୱ ନେବାର ଶକ୍ତି। ଫଳରେ ସେ କେବଳ କୌଣସି ଏକ ସଂପ୍ରଦାୟର ନୁହେଁ ଭାରତୀୟ ଜାତିର ନେତୃତ୍ୱ ନେବାରେ ସଫଳ ହୋଇଥିଲେ। ବହୁ ବାଧାବିଘ୍ନ ସତ୍ତ୍ୱେ ବାବାସାହେବ ହାଇସ୍କୁଲ ଶିକ୍ଷା ସାରି ବିବାହ କରିଥିଲେ। ମୁମ୍ବାଇର ଏକ ହାଟ ମଧ୍ୟରେ ଦୋକାନ ବଜାର ବନ୍ଦ ହେବା ପରେ ତାଙ୍କର ବିବାହ ହୋଇଥିଲା। ବିବାହ ପରେ ଏଲ୍‌ଫିନ୍‌ଷ୍ଟୋନ୍ କଲେଜରେ ଉଚ୍ଚଶିକ୍ଷା। ତାହା ପରେ ଯୁକ୍ତରାଷ୍ଟ୍ର ଆମେରିକାରେ ଗବେଷଣା ଏବଂ ଲଣ୍ଡନରେ ଆଇନ ପାଠ। ବିଦ୍ୟାସାରି ବହୁ କୃତିତ୍ୱର ଅଧିକାରୀ ହୋଇ ଭାରତ ଫେରିବା ପରେ ସୁଦ୍ଧା ଜାତି ଜନିତ ଅପ୍ରୀତିକର ପରିସ୍ଥିତିରୁ ମୁକ୍ତି ପାଇପାରି ନଥିଲେ। ଏକ ସମୟରେ ଅଧସ୍ତନ କର୍ମଚାରୀମାନେ ତାଙ୍କ ହାତରେ ଫାଇଲ, କାଗଜପତ୍ର ଆଦି ନଦେଇ ଟେବଲ ଉପରେ ଫୋପାଡୁଥିଲେ। ଅପମାନିତ ହୋଇଚାଲିବାରୁ ଜାତିଆଣ ପ୍ରଥା ବିରୋଧରେ ସଂଗ୍ରାମ କରିବା ପାଇଁ ପ୍ରତିଜ୍ଞା କରି ଶେଷରେ ସଫଳ ହୋଇଥିଲେ। ଏକଦା ସେ ଲେଖିଥିଲେ, ଭାରତ ହେଉଛି ଅସମାନତାର ଦେଶ। ଅସ୍ପୃଶ୍ୟତା ନିବାରଣ ମୋର ଜନ୍ମଗତ ଅଧିକାର। ଶୋଷଣମୁକ୍ତ ଶ୍ରେଣୀ ସମାଜ ପାଇଁ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଅବଦାନ ଯୁଗ ଯୁଗ ପାଇଁ ଅମର। ପିଲାଦିନରୁ କଠୋର ଅଧ୍ୟବସାୟ ଦ୍ୱାରା ଜୀବନକୁ ଗଢ଼ି ତୋଳିଥିବା ଆମ୍ବେଦକର ସେହି ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନ ତିଆରି କରିଥିଲେ ଯାହାକି ଆଜି ପର୍ଯ୍ୟନ୍ତ ସମଗ୍ର ବିଶ୍ୱ ଆଗରେ ସ୍ୱତନ୍ତ୍ରତା ରଖିଛି। ସମଗ୍ର ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ପାଇଥିବା ଆମ ଭାରତ ସବୁଦିନ ପାଇଁ ଏହି ଅମର ସ୍ରଷ୍ଟାଙ୍କ ତ୍ୟାଗ ଓ ନିଃସ୍ୱାର୍ଥପର ଅବଦାନ ପାଇଁ ଚିରଋଣୀ ହୋଇ ରହିବ।

**ଶୋଭନୀୟ ଆନ୍ଦୋଳନ ଉଦୟଗିରି,**
**ଯାଜପୁର**

ମୁଖ୍ୟ ପ୍ରସଙ୍ଗ

# ଉତ୍କଳୀୟ ନବବର୍ଷ

# ବିଷୁବ ସଂକ୍ରାନ୍ତି

ଅନନ୍ତ ଗୋପାଳ ପଣ୍ଡା

**ଦେବଭୂମି, ପୁଣ୍ୟଭୂମି, ଆର୍ଯ୍ୟଭୂମି ଭାରତବର୍ଷ ରୂପକ ସରୋବରରେ ଚିର ଜାଜ୍ୱଲ୍ୟମାନ ସୁଗନ୍ଧିତ ପୁଷ୍ପ କମଳ ହେଉଛି ଉତ୍କଳ । ନୃତ୍ୟ, ସଂଗୀତ, କଳା, ସ୍ଥାପତ୍ୟ ତଥା ଶିଳ୍ପ ଚାତୁରୀରେ ନିଜର ଉତ୍କର୍ଷତା ପ୍ରତିପାଦିତ କରି ଏହି ଭୂଖଣ୍ଡ ତାର ନାମକରଣକୁ କରିଛି ସାର୍ଥକ । ଏ ଜାତିର ସଂସ୍କୃତି, ଉନ୍ନତ ପରମ୍ପରା, ଚିର ପ୍ରବହମାନ ଧର୍ମଧାରା ଉଦ୍‌ବୁଦ୍ଧ କରୁଛି ପ୍ରତିଟି ସମୟରେ ଆମର ଚିନ୍ତା ଚେତନାକୁ ଏବଂ ଭାବନା କଳ୍ପନାକୁ । ଆବାହମାନ କାଳରୁ ପ୍ରଚଳିତ ତଥା ପରମ୍ପରା ଅନୁସାରେ ପାଳିତ ହେଉଥିବା ଅନେକ ପର୍ବପର୍ବାଣୀ ଏକାଧିକ ଦେବଦେବୀଙ୍କ ପ୍ରତି ଥିବା ଆମ ସମର୍ପିତ ମନୋଭାବକୁ ପରିପ୍ରକାଶ କରିବା ସଙ୍ଗେ ସଙ୍ଗେ ଜନଜୀବନକୁ ଏକାତ୍ମସୂତ୍ରରେ କରେ ଅନୁବନ୍ଧିତ । ଓଡ଼ିଶାର କୋଣ ଅନୁକୋଣରେ ପାଳିତ, ପାରମ୍ପରିକ ପର୍ବ ଭାବେ ସ୍ୱୀକୃତ ଉତ୍ସବମାନଙ୍କ ମଧ୍ୟରେ ମହାବିଷୁବ ସଂକ୍ରାନ୍ତି ହେଉଛି ଅନ୍ୟତମ । ଏହି ସଂକ୍ରାନ୍ତି ଓଡ଼ିଆ ନବବର୍ଷର ପ୍ରଥମ ଦିବସ ଭାବେ ଉତ୍କଳର ଆବାଳବୃଦ୍ଧ ବନିତାଙ୍କ ଦ୍ୱାରା ଅଜସ୍ର ଶ୍ରଦ୍ଧା, ଅଫୁରନ୍ତ ଉତ୍ସାହ ଓ ବିପୁଳ ଉଦ୍ଦୀପନା ମଧ୍ୟରେ ସର୍ବତ୍ର ହୋଇଥାଏ ପାଳିତ ।**



ନିର୍ଗୁଣ ନିରାକାର ପରଂବ୍ରହ୍ମ ପ୍ରତ୍ୟକ୍ଷ ଭାବେ ସୃଷ୍ଟି ସର୍ଜନା କରନ୍ତି ନାହିଁ । ତାଙ୍କ ଠାରୁ ସୃଷ୍ଟ ତ୍ରିଗୁଣାତ୍ମକ ଶକ୍ତି ଯଥା ସୃଷ୍ଟି କର୍ତ୍ତା ଭାବେ ବେଦପତି ବ୍ରହ୍ମା, ପାଳନକାରୀ ରୂପେ ବିଷ୍ଣୁ ଏବଂ ସଂହାରକର୍ତ୍ତା ଭାବେ ମହେଶ୍ୱର ଅଭିହିତ ହେଉଥିଲେ ମଧ୍ୟ ବାସ୍ତବରେ ଏ ସୃଷ୍ଟିକୁ ସର୍ଜନା, ଗତିଶୀଳ ତଥା ଧ୍ୱଂସ କରାଇବାର ପ୍ରକ୍ରିୟା ପ୍ରଭାକରଙ୍କ ଠାରେ ହୁଏ ପରିଦୃଷ୍ଟ । ତେଣୁ ସେ ବ୍ରହ୍ମା ବିଷ୍ଣୁ, ଓ ଶଙ୍କରଙ୍କର ଏକୀଭୂତ ସ୍ୱରୂପ ଭାବେ ହୁଅନ୍ତି ବିବେଚିତ । ମାର୍ତ୍ତଣ୍ଡଙ୍କ ବିଭିନ୍ନ ସମୟର ଅବସ୍ଥିତି ଓ କିରଣରାଜି ଏହି ତ୍ରିଶକ୍ତିଙ୍କ ସ୍ଥିତିକୁ କରିଥାଏ ପ୍ରଖ୍ୟାପିତ । ଏହି ତତ୍ତ୍ୱ ଓ ତଥ୍ୟ ସମ୍ପର୍କରେ "ଯଜ୍ଞ କଳ୍ପଦ୍ରୁମ"ରେ ରହିଛି ବର୍ଣ୍ଣନା । ଯଥା :-

**"ଉଦୟେ ବ୍ରହ୍ମଣଃ ରୂପଂ, ମଧ୍ୟାହ୍ନେ ତୁ ମହେଶ୍ୱରଃ,**
**ଅସ୍ତମାନେ ସ୍ୱୟଂ ବିଷ୍ଣୁଃ, ତ୍ରିମୂର୍ତ୍ତିଶ୍ଚ ଦିବାକରଃ ।"**

ଅର୍ଥାତ୍ ରାତ୍ରି ସମୟରେ ନିଦ୍ରିତ ଅବସ୍ଥାରେ ଥିବା ଜୀବଜଗତ ପ୍ରଭାତ କାଳରେ ସୂର୍ଯ୍ୟ ଉଦୟ ହେବାକ୍ଷଣି ସେମାନଙ୍କ ଶରୀରରେ ଥିବା ପ୍ରାଣସତ୍ତା ହୁଏ ଉଜ୍ଜୀବିତ । ଜୀବନ ହୁଏ ଚଳଚଞ୍ଚଳ ତଥା କର୍ମମୁଖର । ଏଥିପାଇଁ ପ୍ରଭାତକାଳୀନ ସୂର୍ଯ୍ୟଙ୍କୁ ବ୍ରହ୍ମାଙ୍କ ସହିତ କରାଯାଇଛି ତୁଳନା । ମଧ୍ୟାହ୍ନକାଳୀନ ସୂର୍ଯ୍ୟଙ୍କର ଅଧିକ ଉତ୍ତାପଯୁକ୍ତ ତେଜପୁଞ୍ଜ ଜଳକୁ ବାଷ୍ପରେ କରେ

ପରିଣତ । ଏହି ପ୍ରଖର ତେଜ ସମୟ କ୍ରମରେ ଅଂଶୁଘାତର କାରଣ ହୋଇଥାଏ । ଏହି ଅଂଶୁଘାତ ଜୀବମାନଙ୍କ ପ୍ରାଣକୁ କରେ ହରଣ । ସେଥିପାଇଁ ମଧ୍ୟାହ୍ନ ସୂର୍ଯ୍ୟ ସଂହାର କର୍ତ୍ତା ମହେଶ୍ୱରଙ୍କ ସହିତ ହୁଅନ୍ତି ତୁଳନୀୟ । ଅସ୍ତଗାମୀ ତପନଙ୍କ କିରଣ କିନ୍ତୁ ହୋଇଥାଏ ଉପଭୋଗ୍ୟ । ମଧ୍ୟାହ୍ନ ସୂର୍ଯ୍ୟଙ୍କ କିରଣପରି ଏହା ଜୀବମାନଙ୍କ ମନ ମଧ୍ୟରେ କରେ ନାହିଁ ଭୟର ସଂଚାର । ଅସ୍ତଗାମୀ ରବିଙ୍କର ରକ୍ତିମ ଆଭା ଅନ୍ତରରେ ଭରିଦିଏ ଅପାର ଆନନ୍ଦ ଏବଂ ପରବର୍ତ୍ତୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ପ୍ରତୀକ୍ଷାନିମନ୍ତେ କରେ ଅନୁପ୍ରେରିତ । ସେଥିପାଇଁ ଅସ୍ତକାଳୀନ ସୂର୍ଯ୍ୟଙ୍କୁ ବିଷ୍ଣୁଙ୍କ ସହିତ କରାଯାଇଛି ତୁଳନା । ଶ୍ରୀମଦ୍ ଭଗବଦଗୀତା ଦଶମ ଅଧ୍ୟାୟ ବିଭୂତି ଯୋଗରେ ଭଗବାନ ଶ୍ରୀକୃଷ୍ଣ ସ୍ୱମୁଖରେ ନିଜର ବିଭୂତି ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି "ଜ୍ୟୋତିଷାଂ ରବିରଂଶୁମାନ"(୧୦/୨୧) ଅର୍ଥାତ୍ ମୁଁ ଜ୍ୟୋତି ମାନଙ୍କ ମଧ୍ୟରେ କିରଣ ପ୍ରଦାନକାରୀ ସୂର୍ଯ୍ୟ । ଅଂଶୁମାନଙ୍କର ବିଶେଷ ଗୁଣ ବର୍ଣ୍ଣନାରେ ଶତମୁଖ ଯାଜ୍ଞବଲକ୍ୟଙ୍କ ଉକ୍ତି ଅନୁସାରେ ।

**ପ୍ରାକ୍ ବୈଦିକ କାଳରୁ ସକଳ ଶକ୍ତିର ଆଧାର ରୂପେ ସୂର୍ଯ୍ୟନାରାୟଣ ହୁଅନ୍ତି ଅଭିହିତ । ସେ ଧର୍ମ, ମତ ତଥା ସଂପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ହୁଅନ୍ତି ସଦା ବନ୍ଦିତ, ନିତ୍ୟ ଆରାଧିତ । ଅଂଶୁମାନଙ୍କର ବାର୍ଷିକ ଗତିକୁ ଦ୍ୱାଦଶ ସୌର ମାସରେ କରାଯାଇଛି ବିଭକ୍ତ । ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ବାର ରାଶି ଅନୁସାରେ ଏହି ମାସମାନ ହୁଅନ୍ତି ନାମିତ । ଯଥା-ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଓ ମୀନ । ପ୍ରଭୁ ଦିବାକର ଗୋଟିଏ ରାଶି ତ୍ୟାଗ କରି ଯେଉଁଦିନ ଅନ୍ୟ ରାଶିରେ କରନ୍ତି ଅବସ୍ଥାନ ତାକୁ ମାସର ପ୍ରଥମ ଦିବସ ବା ସଂକ୍ରାନ୍ତି କୁହାଯାଏ । ଏହି ସଂକ୍ରାନ୍ତି ଶବ୍ଦ "ସଂକ୍ରମଣ" ଶବ୍ଦରୁ ହୋଇଛି ଉଦ୍ଭବ, ଯାହାର ଅର୍ଥ ସଂଚାର । ଶାସ୍ତ୍ରାନୁସାରେ "ରବେଃ ସଂକ୍ରମଣ ରାଶୌ ସଂକ୍ରାନ୍ତି ଇତି ଉଚ୍ୟତେ ।" ଭୌଗଳିକବିତ୍‌ମାନଙ୍କ ମତାନୁସାରେ ସୂର୍ଯ୍ୟ ଏକ ସମ୍ବତ୍ସରରେ ଦୁଇଥର ବିଷୁବରେଖାରେ ଅବସ୍ଥାନ କରିଥାନ୍ତି । ଇଂରାଜୀ ତାରିଖ ଅନୁସାରେ ସେହି ଦିବସ ଦ୍ୱୟ ହେଉଛନ୍ତି ମାର୍ଚ୍ଚ ମାସ ୨୧ ତାରିଖ ଏବଂ ସେପ୍ଟେମ୍ବର ମାସ ୨୩ ତାରିଖ । ସୌରଗଣନା ଅନୁସାରେ ଏହି ଦୁଇ ଦିବସ ହେଉଛନ୍ତି ବିଷୁବ ସଂକ୍ରାନ୍ତି ଏବଂ ତୁଳା ସଂକ୍ରାନ୍ତି । ମାର୍ଚ୍ଚ ୨୧ ତାରିଖ ପରେ ସୂର୍ଯ୍ୟ ବିଷୁବରେଖା ପରିତ୍ୟାଗ କରି କର୍କଟ କ୍ରାନ୍ତି ଆଡ଼କୁ ହୁଅନ୍ତି ଅଗ୍ରସର । ଫଳ ସ୍ୱରୂପ ଦିବସ ହୁଏ ବଡ଼ ଓ ରାତ୍ର ହୁଏ ସାନ । ଏଥିସହିତ ଦିବସରେ ରୌଦ୍ରତାପର ବୃଦ୍ଧି ମଧ୍ୟ ହୁଏ ଅନୁଭୂତ । ମୀନ ରାଶିକୁ ପରିତ୍ୟାଗ କରି ମେଷ ରାଶିରେ ଅବସ୍ଥାନ ସମୟରେ ସୂର୍ଯ୍ୟ ବିଷୁବ ରେଖାରେ କରୁଥାନ୍ତି ଅବସ୍ଥାନ । ଗୋଟିଏ ପକ୍ଷରେ ମେଷ ରାଶିରେ ସଂଚାର ଏବଂ ଅନ୍ୟପକ୍ଷରେ ବିଷୁବରେଖାରେ ଅବସ୍ଥାନ କାରଣରୁ ଏହି ଦିବସ ମହାବିଷୁବ ସଂକ୍ରାନ୍ତି ନାମରେ ହୁଏ ନାମିତ । କେହି କେହି ଏହାକୁ ମେଷ ସଂକ୍ରାନ୍ତି ବୋଲି କହିଥାନ୍ତି । ଏହି ସଂକ୍ରାନ୍ତି ସୌରବର୍ଷର ପ୍ରଥମ ଦିବସ ରୂପେ ସର୍ବତ୍ର ମହାସମାରୋହରେ ହୁଏ ପାଳିତ ।**

**"ହୃଦାକାଶେ ତୁ ଯୋ ଜୀବଃ ସାଧକୈ ରୂପଗୀୟତେ,**
**ସ ଏବାଦିତ୍ୟ ରୂପେଣ ବହିର୍ନଭସି ରାଜତେ ।**
**ଆଦିତ୍ୟାନ୍ତର୍ଗତଂଯଚ୍ଚ ଜ୍ୟୋତିଷାଂ ଜ୍ୟୋତିରୁତ୍ତମମ୍**
**ହୃଦୟେ ସର୍ବଭୂତାନାଂ ଜୀବଭୂତଃ ସ ତିଷ୍ଠତି" ।**

ଅର୍ଥାତ୍ ଆମ୍ଭମାନଙ୍କର ହୃଦୟାକାଶରେ ଯେଉଁ ଆତ୍ମତେଜ ଜୀବ ରୂପରେ ଅବସ୍ଥିତ ସେହି ତେଜହିଁ ବାହ୍ୟ ଆକାଶରେ ସୂର୍ଯ୍ୟ ରୂପରେ ପ୍ରକାଶମାନ ଅଟନ୍ତି । ବାହ୍ୟ ଆକାଶସ୍ଥିତ ସୂର୍ଯ୍ୟଙ୍କ ଗୁଣକ୍ରିୟା ସମ୍ବନ୍ଧରେ ଆଦିଗ୍ରନ୍ଥ ଋକ୍‌ବେଦରେ ରହିଛି

ବର୍ଣ୍ଣନା । ଯଥା :- **"ଅସାବାଦିତ୍ୟୋ ବ୍ରହ୍ମ, ସୂର୍ଯ୍ୟ ଆତ୍ମା ଜଗତସ୍ତସ୍ଥୁଷଶ୍ଚ"** ଅର୍ଥାତ୍ ନଭମଣ୍ଡଳ ସ୍ଥିତ ସୂର୍ଯ୍ୟ ମୂର୍ତ୍ତବ୍ରହ୍ମ ଏବଂ ଜଗତ୍ (ସ୍ଥାବର, ଜଙ୍ଗମ)ର ଆତ୍ମା ବା ପ୍ରାଣ ଅଟନ୍ତି ।

ସନାତନ ଧର୍ମ ପରଂପରାରେ ପରଂବ୍ରହ୍ମଙ୍କର ପ୍ରକାଶମାନ ସ୍ୱରୂପ ଭାବେ ବିବେଚିତ ସୂର୍ଯ୍ୟ ନାରାୟଣଙ୍କ ଠାରୁ ପୃଥିବୀ ଓ ବୁଧ ଆଦି ଗ୍ରହଗଣ ସୃଷ୍ଟି ହୋଇଛନ୍ତି । ସେଥିଲାଗି ଗ୍ରହମାନେ ସୂର୍ଯ୍ୟଙ୍କ ଚତୁପାର୍ଶ୍ୱରେ କରନ୍ତି ପରିକ୍ରମଣ । ଗ୍ରହମାନଙ୍କଠାରୁ ଉପଗ୍ରହ ମାନଙ୍କର ହୋଇଛି ଉତ୍ପତ୍ତି । ଗ୍ରହ ଓ ଉପଗ୍ରହ ମାନଙ୍କର ନିଜସ୍ୱ ଆଲୋକ ନାହିଁ । ସେମାନେ ସୂର୍ଯ୍ୟଙ୍କ କିରଣରେ ହୁଅନ୍ତି ଆଲୋକିତ । ଗ୍ରହ, ଉପଗ୍ରହ, ଧୂମକେତୁ ପ୍ରଭୃତି ଜ୍ୟୋତିଷ୍କମାନଙ୍କୁ ନେଇ ସୂର୍ଯ୍ୟନାରାୟଣଙ୍କର ସୌର ଜଗତ ଗଠିତ । ଏହି ସତ୍ୟ ମଧ୍ୟ ବୈଜ୍ଞାନିକ ମାନଙ୍କ ଦ୍ୱାରା ହୋଇଛି ଅନୁମୋଦିତ । ପ୍ରତ୍ୟେକ ଗ୍ରହ ଏବଂ ରାଶି ସହିତ ସୂର୍ଯ୍ୟଙ୍କର ପ୍ରଭାବ ଓ ସମ୍ପର୍କ ଥିବାରୁ ସନାତନ ଧର୍ମ ଓ ପରମ୍ପରାରେ ସୂର୍ଯ୍ୟପୂଜା କେଉଁ ଆବାହମାନକାଳରୁ ହୋଇଛି ପ୍ରଚଳିତ । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ମହାବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ।

ଏହି ମହାବିଷୁବ ସଂକ୍ରାନ୍ତି ସୌର ବର୍ଷର ପ୍ରଥମ ଦିବସ ଭାବରେ ସୌର ଉପାସକଙ୍କ ସହିତ ସମସ୍ତ ସନାତନୀମାନଙ୍କ ଦ୍ୱାରା ବିପୁଳ ଶ୍ରଦ୍ଧା ଓ ଭକ୍ତିର ସହିତ ହୋଇଥାଏ ପାଳିତ । ଏହି ଦିବସରେ ପ୍ରତ୍ୟେକ ଉତ୍କଳୀୟଙ୍କ ପରିବାରରେ ସ୍ୱତନ୍ତ୍ର ପୂଜା ଓ ଭୋଗ ଓ ହୋମ ଅତ୍ୟନ୍ତ ଶୁଦ୍ଧ ପୂତ ଭାବରେ ଅନୁଷ୍ଠିତ ହୋଇଥାଏ । ଏହି ଦିବସରେ ଦେବଦେବୀଙ୍କ ନିକଟରେ ପଣାଭୋଗ କରାଯାଏ ସମର୍ପଣ । ଛେନା, ନଡ଼ିଆ କଦଳୀ ଓ ବେଲରେ ପ୍ରସ୍ତୁତ ପଣା ମନ୍ଦିରମାନଙ୍କଠାରୁ ଆରମ୍ଭକରି

ପ୍ରତି ଘରେ ପ୍ରସ୍ତୁତ କରାଯାଇ ଦେବଦେବୀଙ୍କୁ ଅର୍ପଣ କରାଯାଏ । ଆବାଳବୃଦ୍ଧବନିତା ସେହି ପ୍ରସାଦ ସେବନ କରି ହୁଅନ୍ତି ତୃପ୍ତ । ସେଥିପାଇଁ ଏହି ଦିବସର ଅନ୍ୟ ଏକ ନାମ ହେଉଛି ପଣା ସଂକ୍ରାନ୍ତି । ଏହି ସମୟରେ ସୂର୍ଯ୍ୟଙ୍କ ତେଜ ଅଧିକ ଥିବାରୁ ହଜମ ଶକ୍ତିର ବୃଦ୍ଧି ଘଟିଥାଏ । ସେଥିପାଇଁ ଗରିଷ୍ଠ ଖାଦ୍ୟ ଭାବେ ଗୃହୀତ ଗହମ, ମୁଗ, ଚାଉଳ, ବୁଟ ଇତ୍ୟାଦି ଚୁନା କରି ତହିଁରେ କଦଳୀ, ନଡ଼ିଆ, ଛେନା ମିଶାଇ ଛତୁଆ ପ୍ରସ୍ତୁତ କରାଯାଏ । ଏହି ଛତୁଆ ଭୋଗକୁ ଦେବଦେବୀଙ୍କୁ କରାଯାଏ ଅର୍ପଣ ଏବଂ ସେହି ପ୍ରସାଦକୁ ସମସ୍ତେ ଆନନ୍ଦରେ କରିଥାନ୍ତି ଭୋଜନ ।

ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୌଦ୍ର ତାପରେ ସନ୍ତାପିତ ତୃଷିତମାନଙ୍କୁ ଜଳଦାନ କରିବାର ପରମ୍ପରା ଏହି ଦିବସରୁ ହୋଇଥାଏ ଆରମ୍ଭ । ରାସ୍ତାର ଛକ ମାନଙ୍କରେ ବିଭିନ୍ନ ଦାତବ୍ୟ ସଂସ୍ଥାମାନଙ୍କ ଦ୍ୱାରା ପଥିକ ମାନଙ୍କର ତୃଷା ନିବାରଣ ନିମନ୍ତେ ଜଳଛତ୍ରର ବ୍ୟବସ୍ଥା କରାଯାଏ । ଜଳଦାନକୁ ମହତ୍ କାର୍ଯ୍ୟ ଭାବରେ ଆମ ଶାସ୍ତ୍ରମାନ ଦେଇଛନ୍ତି ସ୍ୱୀକୃତି । ଅଂଶୁମାନଙ୍କ ତାପରୁ ଭଗବାନ ବିଷ୍ଣୁଙ୍କ ଅତିପ୍ରିୟ ତଥା ଘରେ ଘରେ ପୂଜିତା ତୁଳସୀଚଉରା ଉପରେ ଏକ ଛିଦ୍ର ଯୁକ୍ତ ମାଟି ଘଡ଼ିରେ କୁଶ ଦିଆଯାଇ କରାଯାଏ ଜଳପୂର୍ଣ୍ଣ । ଫଳରେ ଦୀର୍ଘ ସମୟ ଧରି ବିନ୍ଦୁ ବିନ୍ଦୁ ହୋଇ ଜଳ ଝରିପଡ଼େ ତୁଳସୀ ବୃକ୍ଷ ଉପରେ । ତୁଳସୀଚଉରା ଉପରେ ଛାମୁଣ୍ଡିଆ ମଧ୍ୟ ନିର୍ମାଣ କରାଯାଇ ତୁଳସୀ ବୃକ୍ଷକୁ ଛାୟା ପ୍ରଦାନ କରାଯାଏ ।

ଏହି ଉତ୍କଳୀୟ ନବବର୍ଷ ବିଷୁବ ସଂକ୍ରାନ୍ତି ପାଳନ ଅବସରରେ ଓଡ଼ିଶାର ବିଭିନ୍ନ ଶୈବପୀଠ ଓ ଶକ୍ତିପୀଠ ମାନଙ୍କରେ ପାଟୁଆଯାତ୍ରା ବା ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ । ବ୍ରତଧାରୀମାନେ ମାନସିକ ପୂରଣ ନିମନ୍ତେ ପାଟୁଆ ଭାବରେ ଘଣ୍ଟ ଘଣ୍ଟା, ଢ଼ୋଲ ମହୁରୀ ବାଦ୍ୟର ତାଳେ ତାଳେ କରନ୍ତି ଗ୍ରାମ ପରିକ୍ରମା । ସୃଷ୍ଟି ହୁଏ ଏକ ଭାକ୍ତିକ ପରିବେଶ । ସଂକ୍ରାନ୍ତି ପୂର୍ବରୁ ଆରମ୍ଭ ହୋଇଥିବା ଏହି ପାଟୁଆ ଯାତ୍ରା ଉଦଯାପିତ ହୁଏ ବିଷୁବ ସଂକ୍ରାନ୍ତିରେ । କେତେକ ବ୍ରତଧାରୀ କଣ୍ଟା ଉପରେ ଶୟନ କରନ୍ତି ତ ଅନ୍ୟ କେହି ଖଣ୍ଡାର ଧାର ଉପରେ ଚାଲିଥାନ୍ତି । ଅନ୍ୟ କେତେକ ବ୍ରତଧାରୀ ରଡ଼ନିଆଁ ଉପରେ ଖାଲି ପାଦରେ ଚାଲି ଚାଲି ସେମାନଙ୍କ ମାନସିକ ପୂରଣ କରିଥାନ୍ତି । ମାନସିକ ପୂରଣକାରୀ ମାନଙ୍କର ଏ ପ୍ରକାର ଅଲୌକିକ କାର୍ଯ୍ୟ ସନ୍ଦର୍ଶନ କରିବାପାଇଁ ଶୈବପୀଠ ଓ ଶକ୍ତିପୀଠମାନ ହୋଇଉଠେ ଲୋକାରଣ୍ୟ । ଏହି ସମୟରେ ଓଡ଼ିଶାର ଦକ୍ଷିଣାଞ୍ଚଳରେ ପାଳିତ ହୁଏ ଦଣ୍ଡଯାତ୍ରା । ଏହି ଦଣ୍ଡଯାତ୍ରା ପ୍ରାୟତଃ ଏକୋଇଶ ଦିନ ଧରି ମହାସମାରୋହରେ ହୋଇଥାଏ ପାଳିତ । ଏହି ଯାତ୍ରାରେ ଏକ ଜଳପୂର୍ଣ୍ଣ କଳସୀକୁ ପୂଜା କରାଯାଏ । ଏହାର ନାମ କାମନାଘଟ । ଏହି ପାଟୁଆଯାତ୍ରା ଆମ ସାମାଜିକ ତଥା ସଂସ୍କୃତିକ ପୃଷ୍ଠଭୂମିକୁ କରେ ପୁଲକିତ ତଥା ପ୍ରାଣବନ୍ତ । ଭାବଭକ୍ତି ପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ଏହି ଝାମୁଯାତ୍ରା ଶକ୍ତି ଉପାସନାର ପ୍ରମୁଖ ମାଧ୍ୟମ ଭାବେ ହୁଏ ଅଭିହିତ ।

ଭକ୍ତଶ୍ରେଷ୍ଠ ହନୁମାନଙ୍କର ଶୁଭ ଆବିର୍ଭାବ ଦିବସ ଭାବେ ଏହି ବିଷୁବ ସଂକ୍ରାନ୍ତି ଓଡ଼ିଶା ବ୍ୟତୀତ ଭାରତର କୋଣ ଅନୁକୋଣରେ ହୋଇଥାଏ ପାଳିତ । ବିଶେଷଜ୍ଞ ମାନଙ୍କ ମତରେ ବିଷୁବ ସଂକ୍ରାନ୍ତିଠାରୁ ବାୟୁର ବେଗ ହୁଏ ପ୍ରଖର, ଯାହା କାଳବୈଶାଖୀର ହୁଏ କାରଣ । ପ୍ରଚଣ୍ଡ ରୌଦ୍ରତାପ ଏବଂ ପ୍ରଖର ବାୟୁ ପ୍ରବାହ ଧରାପୃଷ୍ଠରେ ସୃଷ୍ଟିକରେ ନାନାଦି ଅଘଟଣ । ଏହି ଅଘଟଣରୁ ରକ୍ଷା ପାଇବା ନିମନ୍ତେ ପବନ ନନ୍ଦନ ହନୁମାନଙ୍କର କରାଯାଏ ପୂଜାର୍ଚ୍ଚନା । ଅତୁଳିତ ବଳ ବିକ୍ରମଶାଳୀ, ଜ୍ଞାନର ସୀମାହୀନ ସାଗର, ସମସ୍ତ ସଦଗୁଣର ଅଧିକାରୀ, ଦାସ୍ୟ ଭକ୍ତିର ଉଦ୍‌ଘୋଷକ, ସମର୍ପିତ ପ୍ରଭୁଭକ୍ତ ଭାବରେ ତ୍ରିଲୋକରେ ବିଦିତ ଆଞ୍ଜନେୟଙ୍କର ଜନ୍ମ ଉତ୍ସବ ଉପଲକ୍ଷେ ଦେବଦେବୀଙ୍କ ପୂଜାପୀଠରେ, ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମାନଙ୍କରେ, ବିଶେଷ କରି ରାମ ଓ ହନୁମାନ ମନ୍ଦିରରେ ସୁନ୍ଦରକାଣ୍ଡ ପାରାୟଣ, ଏକ ଶତ ଆଠଥର ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ହୋଇଥାଏ ଅନୁଷ୍ଠିତ । ବହୁ ଭକ୍ତବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅଷ୍ଟ ସିଦ୍ଧି (ଅଣିମା, ଲଘିମା, ମହିମା, ଗରିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶିତ୍ୱ ଓ ବଶିତ୍ୱ) ଏବଂ ନବନିଧି(ପଦ୍ମନିଧି, ମହାପଦ୍ମନିଧି, ନୀଳନିଧି, ମୁକୁନ୍ଦନିଧି, ନନ୍ଦନିଧି, ମକରନିଧି, କଚ୍ଛପ ନିଧି, ଶଙ୍ଖନିଧି ଓ ଖର୍ବନିଧି) ପ୍ରଦାନକାରୀ ସଂକଟମୋଚନ ମହାବୀରଙ୍କର କରିଥାନ୍ତି ଉପାସନା । କେଶରୀନନ୍ଦନଙ୍କ ଜୟନ୍ତୀ ଅବସରରେ କେତେକ ସ୍ଥାନରେ ଏକ ଦିବସୀୟ, ତ୍ରିଦିବସୀୟ କିମ୍ବା ପଞ୍ଚଦିବସୀୟ ଯଜ୍ଞ ଅନୁଷ୍ଠିତ ହୋଇଥାଏ । ଏହି ବିଷୁବ ସଂକ୍ରାନ୍ତିରେ ମଧ (ଭଜ) ନିତାଇ ଗୌର ରାଧେ ଶ୍ୟାମ, (ଜପ) ହରେକୃଷ୍ଣ ହରେ ରାମ" ନାମର ପ୍ରବର୍ତ୍ତକ ଶ୍ରୀ ଶ୍ରୀ ରାଧାରମଣ ଦେବଙ୍କର ହୋଇଥିଲା ଧରାବତରଣ । ବୈଷ୍ଣବ

















ସଂପ୍ରଦାୟ ଦ୍ୱାରା ଏହି ଆବିର୍ଭାବ ଦିବସ ବହୁ ଆଡ଼ମ୍ବର ସହକାରେ ନାମ ସଂକୀର୍ତ୍ତନ ମଧ୍ୟରେ ହୋଇଥାଏ ପାଳିତ ।

ନବବର୍ଷ ତଥା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ବିଭିନ୍ନ ସାରସ୍ୱତ ଅନୁଷ୍ଠାନମାନଙ୍କ ଦ୍ୱାରା ବିଷୁବ ମିଳନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ । ଦ୍ୱିତୀୟ ଈଶ୍ୱର ରୂପେ

ଉତ୍ସବ ପର୍ବ





ଅଭିହିତ କବି ଓ ଲେଖକ ମାନେ ଏହିଦିବସରେ ସମ୍ମିଳିତ ହୋଇ କବିତା ପାଠ ଏବଂ ଆଲୋଚନା ଚକ୍ରର ଆୟୋଜନ କରିଥାନ୍ତି। ବ୍ରତୀ ସାରସ୍ୱତ ସ୍ରଷ୍ଟା ମାନଙ୍କୁ ବିଷୁବ ସମ୍ମାନରେ ସମ୍ମାନିତ କରାଯାଏ।

ଓଡ଼ିଶାରେ ସର୍ବତ୍ର ମହାସମାରୋହରେ ପାଳିତ, ଉତ୍କଳୀୟ ନବବର୍ଷର ପ୍ରଥମ ଦିବସ ଭାବେ ଅଭିହିତ, ମହାବିଷୁବ ସଂକ୍ରାନ୍ତି ଆମ ଧର୍ମଧାରା ଓ ସାଂସ୍କୃତିକ ପରଂପରାକୁ କରେ ଋଦ୍ଧିମନ୍ତ। ଋତୁରାଜ ବସନ୍ତର ଅନ୍ତିମ ରାଜତ୍ୱ କାଳରେ, କଳକଣ୍ଠର କୁହୁତାନର ତାଳେ ତାଳେ ଧରାପୃଷ୍ଠରେ ଅବତରଣ କରିଥିବା ସୌର ନବବର୍ଷ ବିଷୁବ ସଂକ୍ରାନ୍ତିର ମଧୁମହକ ଉତ୍କଳୀୟ ଜନଜୀବନକୁ ମାନବୀୟ ମୂଲ୍ୟବୋଧରେ ମହକାଇବା ସହିତ ସଭି ମନକୁ  କରିଥାଏ ଉଲ୍ଲସିତ, ପ୍ରାଣକୁ କରେ ପୁଲକିତ ଏବଂ ହୃଦୟକୁ କରେ ଭକ୍ତିରସରେ ଆପ୍ଲୁତ, ଏଥିରେ ହେବାର ନାହିଁ ଦ୍ୱିମତ।

ଶ୍ରୀକ୍ଷେତ୍ରବିହାର, ଆଇଗିଣିଆ ,ଭୁବନେଶ୍ୱର-୭୫୧୦୧୯
ମୋ-୯୮୭୧୪୭୦୧୯୮

## ମନକୁ ଆସିଲା ଯାହା ୧୬

# ହାୟ ରେ..ବାବୁ ସୋନା ମାନେ



ସୌମ୍ୟଶ୍ରୀ ପାଣିଗ୍ରାହୀ

କେହି ତାର ଡାକ ଶୁଣନାହାନ୍ତି। ବଡ଼ ବିକଳ ହୋଇ ଡାକି ଚାଲିଛି ଝିଅଟି। କେତେବେଳେ ଦୌଡ଼ି ଯାଇ ଲୁହା ଗେଟ୍‌କୁ ଜୋର କରି ହଲେଇ ଦେଉଛି ତ, କେତେବେଳେ ବିବଶ ହୋଇ ତଳେ ବସି ପଡୁଛି। ଅନେକ ଦେଖଣାହାରୀ ଭିଡ଼ ଜମାଇଛନ୍ତି। କିଏ ମୋବାଇଲରେ ଭିଡିଓ ବନାଉଛି ତ' କିଏ ଦଣ୍ଡେ ରହି ଦେଖି ପୁଣି ଚାଲିବା ଆରମ୍ଭ କରୁଛି। ଏହି ଦୁଇ ମିନିଟର ଭିଡିଓ ଭିତରେ କେହି ବି ସେ ଝିଅଟିକୁ ସାହାଯ୍ୟ କରିବା ପରି ଦେଖାଯାଉନାହିଁ ବରଂ ସେ ଲୁହାଗେଟ୍ ଆରପଟୁ କିଛି ମହିଳା ଓ କିଛି ବୟସ୍କ ବୃଦ୍ଧ ବ୍ୟକ୍ତି ହାତ ହଲେଇ କିଛି କହୁଛନ୍ତି। ବୋଧହୁଏ, ଫେରିଯିବା ପାଇଁ ଇସାରା କରୁଛନ୍ତି। ସେ ଝିଅଟି କିନ୍ତୁ ନଛୋଡବନ୍ଧା। ସେ ଯେମିତି ହେଉ ଥରଟେ ତା'ର ପ୍ରିୟ ମଣିଷ ସାଙ୍ଗରେ କଥା ହେବାକୁ ହାତଯୋଡ଼ି ନେହୁରା ହେଉଛି ଏବଂ ବିକଳ ହୋଇ ଡାକି ଚାଲିଛି, 'ବାବୁ..ବାବୁ..ଥରେ ବାହାରକୁ ଆସ ନା.. ପ୍ଲିଜ୍..'

ଏସବୁକୁ ଆପଣ କୌଣସି ସିନେମାର ଦୃଶ୍ୟ ବୋଲି ଭାବିପାରନ୍ତି । ମାତ୍ର ଏହା ସମ୍ପୂର୍ଣ୍ଣ ସତ୍ୟ ଏବଂ ସ୍ପଷ୍ଟ ଦିବାଲୋକରେ ଘଟିଥିବା ଏକ ଘଟଣା, ଯାହା ଟ୍ୱିଟର (ଏକ୍ସ) ପରି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ହୁଏତ ଏପରି କିଛି ହୋଇଥିବ ଘଟଣାଟି, ପୁଅଟି ସେହି ଝିଅଟିକୁ ପ୍ରେମ କରୁଥିବ, ମାତ୍ର ପ୍ରତାରଣା କରି ଆଉ କେଉଁଠି ବାହା ହୋଇଯାଉଥିବ। ତେଣୁ ଝିଅଟି ଏପରି ଭାବପ୍ରବଣ ପ୍ରଳାପ କରୁଥାଇପାରେ। କିନ୍ତୁ ମୋ ମତରେ ଏପରି ଭାବେ ବିବାହ ମଣ୍ଡପ ସାମ୍ନାରେ ହଙ୍ଗାମା କରିବା ଅପେକ୍ଷା ପୋଲିସ ନିକଟରେ ଅଭିଯୋଗ କରିଥିଲେ ହୁଏତ ଭଲ ହୋଇଥାନ୍ତା, ନଚେତ୍ ବିବାହ ଘଟିବା ପୂର୍ବରୁ ଘରର ଅନ୍ୟ ଗୁରୁଜନମାନଙ୍କ ସହ ଆଲୋଚନା ମାଧ୍ୟମରେ ବି କିଛି ବାଟ ବାହାରି ପାରିଥାନ୍ତା। ଅବଶ୍ୟ ଏହି ଭିଡ଼ିଓଟି ଦେଖି ବ୍ୟକ୍ତିଗତ ଭାବରେ ମୁଁ ଦୁଃଖୀ ଏବଂ ସେ ଝିଅଟିକୁ ସମବେଦନା ଜଣାଇବା ବ୍ୟତୀତ ମୋ ପାଖରେ ଆଉ କିଛି ବାଟ ନାହିଁ। ମାତ୍ର ମୁଁ ଏ ଘଟଣାର ଅପରପାର୍ଶ୍ୱକୁ ଦେଖୁଛି।

ଆମେ ମୁସ୍କାନ ରସ୍ତୋଗୀଙ୍କ କଥା ଦେଖିସାରିଛୁ। ଉତ୍ତରପ୍ରଦେଶ ମିରଟ ସହରର ଏହି ମହିଳା, ନିଜ ପ୍ରେମିକ ସାଙ୍ଗରେ ମିଶି ମର୍ଚ୍ଚ୍ୟାଣ୍ଟ ନେଭୀରେ କାର୍ଯ୍ୟରତ ନିଜ ସ୍ୱାମୀଙ୍କୁ ଖଣ୍ଡ ଖଣ୍ଡ କରି କାଟି ସିମେଣ୍ଟ ଡ୍ରମରେ ପୁରେଇ, ଲୁଚେଇ ରଖିଥିଲେ। ପୁଣି ବିହାରରୁ ବି ଖବର ଆସିଛି, ଶାଶୁ ମା' ନିଜ ଜ୍ୱାଇଁଙ୍କ ପ୍ରେମରେ ଅନ୍ଧ ହୋଇ, ଫେରାର ହେଇଥିବାର। ଅତୀତରେ ଭାରତରୁ ନିଖୋଜ ହୋଇ, ପାକିସ୍ତାନୀ ପ୍ରେମିକ ପାଖକୁ ଚାଲିଯାଇଥିବା ସୀମା ହାଇଦରଙ୍କ କାହାଣୀ ବି ଆମେ ଦେଖିସାରିଛୁ। ଘଟଣା କଣ ଏତିକି ରେ ସରୁଛି..ଖୋଜିବସିଲେ, ଏମିତି ଅଜବ ପ୍ରେମର ଅଦ୍ଭୁତ କାରନାମା ମାନ ନଜରକୁ ଆସିଯିବ।

ଆଜିକାଲିର ପ୍ରେମ ଦୁଇ ମିନିଟ୍ ନୁଡଲ୍ସ ପରି ପାଲଟିଯାଇଛି। ଫେସ୍‌ବୁକ୍ ଇନଷ୍ଟାଗ୍ରାମରେ ସମ୍ପର୍କ ଯୋଡ଼ି ହେଉଛି ହ୍ୱାଟ୍ସଆପରେ ପ୍ରେମ ନିବେଦନ, ଆଉ ଅଳ୍ପକିଛି ଦିନ ପରେ ନମ୍ବର ଦିଆନିଆ। ବାସ..ଫୋନରେ ଘଣ୍ଟା ଘଣ୍ଟା ଗପ ଚାଲୁଛି। ଆଜିର ଅନଲାଇନ୍ ଦୁନିଆରେ ନିଜର ଅସଲ ପରିଚୟକୁ ଲୁଚେଇ ଦେଇ ଏକ ଛଳନାତ୍ମକ ଅଭିନୟ କରିବା ଆଉ ଆଦୌ କଷ୍ଟକର ହୋଇ ରହିନାହିଁ। ଏସବୁ ଉଗ୍ର ଆଧୁନିକତା ଭିତରେ ସମ୍ପର୍କର ମୂଲ୍ୟବୋଧ ଖୁବ କମ୍ ହୋଇସାରିଲାଣି। ସବୁ କାମ ପାଇଁ ମୋବାଇଲରେ ସୁବିଧା ସୁଯୋଗ ଉପଲବ୍ଧ। ସ୍ୱର ପରିବର୍ତ୍ତନ କରିବାଠାରୁ ଚେହେରା ପରିବର୍ତ୍ତନ ଯାଏ, ଆଜିକାଲି ସବୁ ସମ୍ଭବ। ମୋବାଇଲ ଆଜି ମିଛର ଦୁନିଆରେ ସମସ୍ତଙ୍କୁ ମସଗୁଲ କରିଦେଉଛି। ପାର୍କରେ ଥାଇ ବି ଲୋକ କହୁଛି, ସେ ଅଫିସରେ ବସିଛି ନହେଲେ ସ୍ୱର ବଦଳାଇ ଦେହ ଖରାପର ବାହନା ବି କରୁଛି। ମୋଟାମୋଟି ମୋବାଇଲ ଆଜି ମିଛ କହିବା ଶିଖାଇ ଦେଇଛି ନହେଲେ ନିଜେ ମିଛକହିବା ଯନ୍ତ୍ର ପାଲଟିଯାଇଛି।

ଏଥର ଆସିବା ବାବୁ..ସୋନାମାନଙ୍କ ପାଖକୁ। ଏମାନେ ଏକ ଅଦ୍ଭୁତ କିସମର ପ୍ରାଣୀ, ଯାହାକୁ ଦୁନିଆରେ ଆଉ କେହି ମଣିଷ ଦେଖାଯାଆନ୍ତି ନାହିଁ। ନିଜର ବାବୁ (ଝିଅମାନଙ୍କ ପାଇଁ ପ୍ରିୟ ମଣିଷ) ଏବଂ ସୋନା (ଗେହ୍ଲାରେ ପୁଅମାନେ ଝିଅମାନଙ୍କୁ ଡାକୁଥିବା ନାମ) ମାନେ ଯାହା କହିବେ ସେଇଟା ବେଦର ଗାର। ପୃଥିବୀର ଏପରି କୌଣସି ଶକ୍ତି ନାହିଁ, ଯାହା ଏହି ବାବୁ..ସୋନା ମାନଙ୍କୁ ଅଲଗା କରିପାରିବ। ସେତେବେଳେ ଦୁନିଆ ଥାଏ ଏମାନଙ୍କ ହାତ ମୁଠାରେ। ସମ୍ପର୍କ ଥାଏ ସେମାନଙ୍କ ପାଦ ତଳେ ଆଉ ପ୍ରେମ ଥାଏ ଚରମ ସୀମାରେ। ବଡ଼ ଅଦ୍ଭୁତ ସେ ସମୟ, ବଡ଼ ବିଚିତ୍ର ସେମାନଙ୍କର ବ୍ୟବହାର। କେତେବେଳେ ଦିନ, କେତେବେଳେ ରାତି ସେମାନଙ୍କୁ ଜଣା ପଡ଼େନି। ଫୋନରେ ଗପୁ ଗପୁ ରାତି ପାହିଯାଏ ହେଲେ କଥା ସରେନି। କୁଆଡୁ ଆସେ ଏତେ କଥା କେଜାଣି.. ?କେତେବେଳେ କି ପ୍ରଥମେ ଫୋନ୍ ରଖିବ। ଯା ଉପରେ ବି ଝଗଡ଼ା ହୋଇଯାଏ। ଏହି ମିଠା ରାଗରୁଷାରେ ବି ଚାଲିଯାଏ ଆଉ ଅଧା ଘଣ୍ଟା ସମୟ। ଏପଟୁ ଯେ କହୁଥିବ, ତମେ ଫୋନ ରଖ ପୁଣି ସେପଟୁ ଉତ୍ତର ମିଳୁଥିବ, ମୁଁ କାହିଁକି ରଖିବି..ମୁଁ କଣ କମ୍ ଭଲ ପାଏ କି..ତୁମେ ରଖ..ତୁମେ ରଖ..ତୁମେ..ତୁମେ.. ତୁମେ ଚାଲିଥିବ, ଆହୁରି କିଛି ସମୟ।

ଏମାନଙ୍କର ପ୍ରେମର ଗଭୀରତାକୁ ନେଇ ଯେତେ ଲେଖିଲେ ବି କମ ହେବ। କିନ୍ତୁ ଏସବୁ ତ କୁହୁଡ଼ି ପହରା ମାତ୍ର। ଏମାନେ ଏକ ସ୍ୱତନ୍ତ୍ର ଭାଷାରେ କଥା ବି ହୁଅନ୍ତି। ଉଣା ଅଧିକେ, ଛୋଟ ପିଲା, ନୂଆ କଥା କହିଶିଖିଲା ବେଳେ ଖନେଇ ହୋଇ ଯେମିତି କଥା କୁହେ, ଏମାନଙ୍କ ଭାଷାଟା ପ୍ରାୟ ସେଇଭଳି। ଉଦାହରଣ ସ୍ୱରୂପ 'ମେଲା ବାବୁ..ଥାନା ଥାୟା'। ପୁଣି ଉତ୍ତର 'ହାଁ.. ଛୋନା..ଥାନା ଥାଲିୟା'। ଏଠି କେହି ବି ଛୋଟ ପିଲା ନୁହେଁ, କିନ୍ତୁ ଭାଷାର ଭେଳିକି ଦେଖୁଛନ୍ତି। ପ୍ରେମର କି ଅଜବ ଶକ୍ତି ପରଖି ପାରୁଛନ୍ତି। ଅତି ଗେହ୍ଲାରେ, ର କୁ ଲ ଏବଂ ଖ କୁ ଥ କହିବା ଆରମ୍ଭ କରିଦେଇଛନ୍ତି। ମୁଁ ଏମିତି ଅନେକ ପ୍ରେମିକଙ୍କୁ ସାରାରାତି ଆପାର୍ଟମେଣ୍ଟର ଛାତ ଉପରେ, ପରିତ୍ୟକ୍ତ ପାଣି ଟାଙ୍କି ଉପରେ, ଗୁହ ପଡ଼ିଆରେ ନହେଲେ ରାସ୍ତା କଡ଼ର ଭଙ୍ଗା କଲଭର୍ଟ ଉପରେ ଶୋଇ କଥା ହେଉଥିବାର ଦେଖିଛି। ସେତେବେଳେ ପ୍ରେମ ପାଇଁ, ସେମାନଙ୍କର କୃଚ୍ଛ୍ରସାଧନା ଦେଖି ମୋର ବି ହାତ ଯୋଡ଼ି ହୋଇଯାଏ ଆପେ ଆପେ ।

ମାତ୍ର ଏଇ ସ୍ୱପ୍ନ ଭାଙ୍ଗିବାକୁ, ମୋହଭଙ୍ଗ ହେବାକୁ ବେଶୀଦିନ ଲାଗେନି। ମୋବାଇଲରୁ ଆରମ୍ଭ ହୋଇଥିବା ଏହି ଅଚିହ୍ନା ପ୍ରେମର କାହାଣୀ, ଯେତେବେଳେ ସାମ୍ନାକୁ ଆସେ, ସେତେବେଳେ ସତ ଜାଣିଲା ପରେ ପ୍ରେମରେ ଭଙ୍ଗା ପଡ଼ିଯାଏ। କେତେବେଳେ ଝିଅଟି ତିନିଟି ସନ୍ତାନର ମା ବୋଲି ଜଣାପଡ଼େ, ପୁଣି ପୁଅଟି ସେହି କଲୋନୀର ଦରବୁଢ଼ା ବା ନାଲୁଆ କିସମର ମଉସା ଭାବେ ଉଭା ହୁଅନ୍ତି। ସେତେବେଳକୁ ଅନେକ ଡେରି ହୋଇସାରିଥାଏ। ଏଞ୍ଜେଲ ପ୍ରିୟାରୁ ସୁକୁଟି ସାହୁ ନହେଲେ ପ୍ରିନ୍ସ ରାକେଶରୁ ଧେଡିଆ ପାତ୍ର ବନିଯିବାକୁ ଆଦୌ ଡେରି ଲାଗେନାହିଁ। ଆଉ ତା'ପରେ, କାନମୁଣ୍ଡା ଆଉଁସିବା ନହେଲେ ଧରାପଡ଼ି ବହେ ମାଡ଼ ଗାଳି ଖାଇବା ସହ ଲୋକ ହସା ହେବା ହିଁ ସାର ହୁଏ। ନଚେତ ଅନେକବେଳେ, ଏହି ଲେଖା ଆରମ୍ଭର ପୁଅ ଝିଅଙ୍କ ଭିଡ଼ିଓ ପରି ଅବସ୍ଥା ବି ହୁଏ। ଝିଅଟି ହୁଏତ ସଚ୍ଚା ପ୍ରେମ କରୁଥିଲା କିନ୍ତୁ ପୁଅଟି କେବଳ ଛଳନାର ଅଭିନୟ ହିଁ କରୁଥିଲା। ତା' ନହୋଇଥିଲେ ଝିଅଟିର ଏତେ ବିକଳ ଡାକ ଶୁଣି, ଗେଟ୍ ପାଖକୁ ଆସି ନଥାନ୍ତା.. ? କିମ୍ବା ଘର ଲୋକଙ୍କୁ ବୁଝେଇ ସୁଝେଇ ଏହି ଝିଅଟିକୁ ଆପଣେଇ ପାରିନଥାନ୍ତା କି.. ?

ଏଣୁ ହେ ମୋର ପ୍ରିୟ ବାବୁ..ସୋନା..ମାନେ.. !! ଆଜିର ଦୁନିଆଁରେ ସବୁ ଭେଜାଲ, ସବୁ ନକଲି । ତେଣୁ ଏମିତି ଶସ୍ତା ପ୍ରେମରେ ପଡ଼ ନାହିଁ। ଶାଶ୍ୱତ ପ୍ରେମକୁ ସମ୍ମାନ ଦିଅ। ଏବେ ବି ବେଳ ଅଛି, ସୁଧରି ଯାଅ। ନହେଲେ ନେଡ଼ିଗୁଡ଼ କହୁଣିକୁ ବୋହିଗଲେ, କେବଳ କାନ୍ଦିବା ହିଁ ସାର ହେବ। ସେତେବେଳେ ଆଉ କହିଲେ ବି କେହି ଶୁଣିବାକୁ ନଥିବେ। ତେଣୁ ସାଧୁଜନେ, ବେଳ ହୁଁ ସାବଧାନ.. !!

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ୭୦୦୮୭୦୧୧୭୧

ଫ୍ୟାସନ୍

# ଗୋଲାପଫୁଲର ଫେସିୟାଲ୍





**ଯୁବତୀମାନେ ତ୍ୱଚାର ପ୍ରାକୃତିକ ଗ୍ଲୋ କରିବାକୁ ପସନ୍ଦ କରନ୍ତି। ତ୍ୱଚାକୁ ପିଙ୍କ୍ ଗ୍ଲୋ ପାଇବା ପାଇଁ ହେଲେ ଗୋଲାପ ଫେସିୟାଲ୍ ଜରୁରୀ କରନ୍ତୁ। ଏହି ଫେସିୟାଲ୍ ଘରେ ଅତି ସହଜରେ କରିପାରିବେ। ଫେସିୟାଲ୍ କରିବା ଦ୍ୱାରା ତ୍ୱାଚର ଚମକ ଆସିଥାଏ। ତେବେ ଘରୋଇ ଉପଚାରରେ ପ୍ରାକୃତିକ ଜିନିଷ ବ୍ୟବହାର କରି ଫେସିୟାଲ୍ କଲେ ତ୍ୱଚା ଉଜ୍ଜ୍ୱଳ ବା ଚମକି ଥାଏ। ସେହିଭଳି କିଛି ଟିପ୍ସ ତଳେ ଦିଆଯାଇଛି।**

### କ୍ଲିଂଜର

ଗୋଲାପ ଫୁଲରେ ଫେସ୍ କ୍ଲିଂଜର କରିବା ଅତ୍ୟନ୍ତ ସହଜ। ଏହାକୁ ପ୍ରସ୍ତୁତ କରିବା ରୋଜ୍ ଅୟଲ୍, ଦହି ଏବଂ ଗୋଟିଏ ଚାମଚ ବେସନ ନିଅନ୍ତୁ। ଏହି ସବୁକୁ ଗୋଟିଏ ଗିନାରେ ମିଶ୍ରଣ କରି ତ୍ୱଚାରେ ଲଗାନ୍ତୁ। ଏହାକୁ ଲଗାଇବା ପରେ, ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ତ୍ୱଚାକୁ ମସାଜ୍ କରନ୍ତୁ। ମସାଜ୍ ପରେ ତ୍ୱଚାକୁ ପାଣିରେ ଧୋଇ ଦିଅନ୍ତୁ।

### ଷ୍ଟିମ୍

ମଇଳା ଏବଂ ଧୂଳି ତ୍ୱଚାରେ ଜମା ହୋଇଥାଏ। ଏହାକୁ ସଫା କରିବା ପାଇଁ ଷ୍ଟିମରରେ ପାଣି ଗରମ କରନ୍ତୁ ଏବଂ ଏଥିରେ କିଛି ଗୋଲାପର ପାଖୁଡ଼ା ପକାନ୍ତୁ। ଏହି ଗରମ ପାଣିର ବାଷ୍ପକୁ ସମଗ୍ର ତ୍ୱଚାରେ ଷ୍ଟିମ୍ ନିଅନ୍ତୁ। ଷ୍ଟିମ୍ ନେବାର ୫ରୁ ୭ ମିନିଟ୍ ପରେ ବ୍ଲାକ୍‌ହେଡ୍ ପିଲର୍‌ରେ ମଥା, ନାକ ଏବଂ ଓଠ ତଳେ ଚଲାନ୍ତୁ। ତେବେ ସହଜରେ ବ୍ଲାକ୍‌ହେଡ୍ ବାହାରି ଯିବ।

### ସ୍କ୍ରବିଂ

ପ୍ରଥମେ ଗୋଲାପ ଫୁଲର ପାଖୁଡ଼ାକୁ ଶୁଖାଇ ପାଉଡ଼ର ତିଆରି କରନ୍ତୁ। ଗୋଟେ ବଡ଼ ଚାମଚ ଚିନିରେ ରୋଜ୍ ଅୟଲ୍ ଏବଂ ଗୋଲାପ ଜଳ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ସ୍କ୍ରବକୁ ତ୍ୱଚାରେ ଲଗାନ୍ତୁ ଏବଂ ଏହାକୁ ଧୀରେ ଧୀରେ ମସାଜ୍ କରନ୍ତୁ। ସ୍କ୍ରବ କରିବା ପରେ ତ୍ୱଚାକୁ ଧୋଇ ନେବେ।

### ଫେସ୍ ପ୍ୟାକ୍

ଫେସ୍ ପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ଗୋଲାପ ଫୁଲର ପାଉଡ଼ର, ଗୋଲାପ ଜଳ ଏବଂ ଗୋଟେ ଚାମଚ କଞ୍ଚା କ୍ଷୀର ନେବେ। ଏହି ସବୁକୁ ଭଲ ଭାବେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟ୍‌କୁ ତ୍ୱଚାରେ ଲଗାଇ ୨୦ରୁ୨୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦେବେ। ଫେସ୍ ପ୍ୟାକ୍‌ଟି ତ୍ୱଚାରେ ଶୁଖିବା ପରେ ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ତ୍ୱଚାରେ ଗ୍ଲୋ ଆଣିବାରେ ସାହାଯ୍ୟ କରେ।

ରୋଷେଇ ଘରୁ

# ବିହାରୀ ମାଛ ତରକାରୀ

**ଆବଶ୍ୟକ ସାମଗ୍ରୀ:** ରୋହି ମାଛ ୫୦୦ ଗ୍ରାମ, ହଳଦୀ ଗୁଣ୍ଡ-୩ଚାମଚ, ଲଙ୍କା ଗୁଣ୍ଡ, ରସୁଣ-୧୦କୋଲା, କଞ୍ଚାଲଙ୍କା-୨ଟା, ସୋରିଷ- ୧ଚାମଚ, ଗୋଲମରିଚ-୧ଚାମଚ, ଜିରା, ଶୁଖିଲା ଲଙ୍କା, ମେଥି, ଗରମ ମସଲା, କଟା ଟମାଟୋ ଅଧା କପ, ତେଜପତ୍ର-୨ଟା, ଧନିଆ ପତ୍ର।



**ପ୍ରଣାଳୀ:** ମାଛରେ ଲୁଣ, ହଳଦୀ, ତେଲ, ଲଙ୍କା ଗୁଣ୍ଡ ପକାଇ ଗୋଳାନ୍ତୁ। ଏହାକୁ ୧୫ ମିନିଟ୍ ମ୍ୟାରିନେଟ୍ କରି ରଖନ୍ତୁ। ମସଲା ପାଇଁ ରସୁଣ, କଞ୍ଚାଲଙ୍କା, ସୋରିଷ, ଗୋଲମରିଚ, ଜୀରା, ଶୁଖିଲା ଲଙ୍କା, ମେଥି, ଅଦାକୁ ଗ୍ରାଇଣ୍ଡିଂ କରିନେବେ। ଏଥିରେ ଟମାଟୋ, ହଳଦୀ ଓ ଅଳ୍ପ ଲୁଣ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ସୋରିଷ ତେଲରେ ମାଛକୁ ଭଲ ଭାବରେ ଭାଜି ନିଅନ୍ତୁ। ଏହାପରେ ଗରମ ତେଲରେ ତେଜପତ୍ର ପକାନ୍ତୁ ପରେ ଏଥିରେ ଗ୍ରାଇଣ୍ଡିଂ କରି ରଖିଥିବା ମସଲା ପକାଇ କଷନ୍ତୁ। ଅଳ୍ପ କଷିବା ପରେ ଏଥିରେ ସ୍ୱାଦ ଅନୁସାରେ ଲୁଣ ପକାଇବେ। ମସଲା କଷି ହେବା ପରେ ଏଥିରେ ମାଛ ଭଜା ପକାଇ କିଛି ସମୟ ଫୁଟିବା ପାଇଁ ଛାଡ଼ିଦେବେ। ଶେଷରେ ଧନିଆ ପତ୍ର ଓ ଗରମ ମସଲା ପକାନ୍ତୁ। ଏହାକୁ ଭାତ ସହିତ ଖାଇପାରିବେ।



# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** – ସପ୍ତାହଟି ଅଶାନ୍ତି ବୃଦ୍ଧି। କର୍ମକ୍ଷେତ୍ରରେ ବିଳମ୍ବ। ଆଶା ଅସମ୍ପୂର୍ଣ୍ଣ। ପାରିବାରିକ ଜୀବନରେ କଳହ। ଚାକିରିରେ ମଧ୍ୟମ ଫଳ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭ ମିଳିବ। ପ୍ରତିକାର – ପ୍ରତିଦିନ ଶିବ ଦର୍ଶନ କରଣୀୟ।

**ବୃଷ** – ସପ୍ତାହଟି ବିଭିନ୍ନ କ୍ଷେତ୍ରରେ ଅର୍ଥକ୍ଷୟ। ନୈରାଶ୍ୟ। ଅର୍ଥହାନୀ। ଦ୍ରବ୍ୟ ଅପହୃତ। ରୋଗପୀଡ଼ା ବୃଦ୍ଧି ହେବ। ଚାକିରିରେ ଅସନ୍ତୋଷ। ବ୍ୟବସାୟରେ କ୍ଷତି ସହିବେ। ମହିଳାମାନେ ଦୁଃଖରେ ଦିନ କାଟିବେ। ପ୍ରତିକାର – ପ୍ରତିଦିନ ହନୁମାନ ଚାଳିଶା ପାଠ କରଣୀୟ।

**ମିଥୁନ** – ସପ୍ତାହଟି ଫଳ ଉତ୍ତମ। ମଧ୍ୟମ ଆୟ ଅବ୍ୟାହତ ରହିବ। ଦ୍ରବ୍ୟଲାଭ ଯୋଗ। ପ୍ରିୟପ୍ରୀତି ପୋଷଣ। ପାରିବାରିକ ସୁଖ ଓ ଚାକିରିରେ ପଦୋନ୍ନତି ଯୋଗ ରହିଛି। ବ୍ୟବସାୟରେ ଲାଭବାନ ହେବେ। ପ୍ରତିକାର – ସୋମବାର ଶିବଙ୍କ ମୁଣ୍ଡରେ ଜଳଲାଗି କରଣୀୟ।

**କର୍କଟ** – ସପ୍ତାହଟି ନାନା କାରଣରୁ ଅସନ୍ତୋଷ ଦେଖା ଦେବ। ବନ୍ଧନ ଭୟର ଆଶଙ୍କା ରହିଛି। ଦ୍ରବ୍ୟନଷ୍ଟ। ପାରିବାରିକ ତିକ୍ତତା। ଚାକିରିରେ ଅସମ୍ମାନ।ପ୍ରତିକାର – ମା'ଙ୍କ ମନ୍ଦିରରେ ପ୍ରତ୍ୟେକ ମଙ୍ଗଳବାର ଦିନ ପୂଜା କରଣୀୟ।

**ସିଂହ** – ସପ୍ତାହଟି ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସଫଳତା ସହ ଉଚ୍ଚ ସମ୍ମାନ ମିଳିବ। ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନ କରିବେ। ଅର୍ଥ ଏବଂ ଦ୍ରବ୍ୟଲାଭ। ଚାକିରିରେ ପଦମର୍ଯ୍ୟାଦା ଓ ବ୍ୟବସାୟରେ ଉନ୍ନତି। ପ୍ରତିକାର – ଅନାଥକୁ ସାହାଯ୍ୟ କରନ୍ତୁ।

**କନ୍ୟା** – ସପ୍ତାହଟି ଶରୀର ସୁସ୍ଥ ରହିବ ମାତ୍ର ଅର୍ଥ ସଂକଟ ଦେଖାଦେବ। ଶିକ୍ଷାରେ ସୁଫଳ ମିଳିବ। ପରିବାରରେ ସୁଖ ତଥା ସନ୍ତାନ ଲାଭଯୋଗ ଅଛି। ଚାକିରିରେ ପ୍ରଶଂସିତ ହେବେ। ବ ପ୍ରତିକାର – ଗଣେଶ ଭଗବାନଙ୍କୁ ପୂଜା କରନ୍ତୁ।

**ତୁଳା** – ସପ୍ତାହଟି କର୍ମକ୍ଷେତ୍ରରେ ଶତ୍ରୁହାନି ଓ ସଫଳତା ଯୋଗ କିନ୍ତୁ ଶିରରୋଗ ଦେଖାଦେବ। ପାରିବାରିକ ସ୍ୱଚ୍ଛଳତା ଓ ଚାକିରିରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ମହିଳାମାନେ ଅନ୍ୟଦ୍ୱାରା ପ୍ରତାରିତ ହେବେ। ପ୍ରତିକାର – ଶନିବାର ଶିବ ଦର୍ଶନ କରଣୀୟ।

**ବିଛା** – ସପ୍ତାହଟି ଚୋର ଭୟ ବା ପ୍ରତାରଣା ଯୋଗ ରହିଛି। କର୍ମକ୍ଷେତ୍ରରେ ବାଦବିବାଦ। ଆୟ ମଧ୍ୟମ ଓ ପାରିବାରିକ ପତ୍ନୀପୀଡ଼ା ଓ ଚାକିରିରେ ଅପଯଶ ହେବେ। ଖେଳରେ ପ୍ରଶଂସା ମିଳିବ। ପ୍ରତିକାର – ଛୋଟ ଛୋଟ ପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ଧନୁ** – ସପ୍ତାହଟି କର୍ତ୍ତବ୍ୟରେ ଅବହେଳିତ ହେବେ। ଆୟ ଭଲ ହେଲେ ମଧ୍ୟ ଅର୍ଥ ସଂକଟ ଲାଗି ରହିବ। ବନ୍ଧୁହାନି ଯୋଗ। ପାରିବାରିକ ଅସନ୍ତୋଷ। ବ୍ୟବସାୟର ପ୍ରସାର ଘଟିବ। ପ୍ରତିକାର – ଠାକୁରଙ୍କୁ ବସ୍ତ୍ରଦାନ କରଣୀୟ।

**ମକର** – ସପ୍ତାହଟି କର୍ମକ୍ଷେତ୍ରରେ ପ୍ରଶଂସା। ଆୟ ସ୍ୱଚ୍ଛଳ। ସଞ୍ଚୟର ସୂଚନା। ବନ୍ଧୁମିଳିନ। ସୁଖ ସମ୍ପଦ ଲାଭ। ପାରିବାରିକ ଆନନ୍ଦ। ବ୍ୟବସାୟରୁ ଲାଭ ପାଇବେ ଓ ଶିକ୍ଷାରେ ଶ୍ରମର ଫଳ ମିଳିବ। ପ୍ରତିକାର – ଓଁ ଶନିସହସ୍ର ମନ୍ତ୍ର ପାଠ କରଣୀୟ।

**କୁମ୍ଭ** – ସପ୍ତାହଟି ଅଶୁଭ ଫଳ ମଧ୍ୟରେ ବ୍ୟୟ ବୃଦ୍ଧି। ଶରୀର ଅସୁସ୍ଥ। କର୍ମକ୍ଷେତ୍ରରେ ବିଦ୍ରୋହ ବା ଅଶାନ୍ତି। ଶତ୍ରୁ ବୃଦ୍ଧି ଓ ବନ୍ଧନ ଭୟ ରହିଛି। ପରିବାରରେ କୁଟନୀତି ଦେଖାଦେବ। ବ୍ୟବସାୟରେ କ୍ଷତି ହେବ। ପ୍ରତିକାର – ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତୁ।

**ମୀନ** – ସପ୍ତାହଟି ଫଳ ଆଦୌ ଶୁଭପ୍ରଦ ନୁହେଁ। କର୍ମକ୍ଷେତ୍ରରେ ନାନା ସମସ୍ୟା। କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରତାରିତ ହୋଇ ପାରନ୍ତି। ଆୟ ଉତ୍ତମ ରହିବ। ପାରିବାରିକ ସୁଖ ଅବ୍ୟାହତ ଓ ସମ୍ମାନ ରକ୍ଷା ହେବ। ପ୍ରତିକାର – ସବୁ ଦିନ କଳା କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ।

ପ୍ରସଙ୍ଗ



# ଦେବୀପୀଠ:
# ମା’ ପାଟଣ ମଙ୍ଗଳା

ଆମ ସଂସ୍କୃତି ଓ ପରମ୍ପରାରେ ମାତୃଶକ୍ତିକୁ ବିଶେଷ ଗୁରୁତ୍ୱ ଦିଆ ଯାଇଛି। କାହିଁ କେଉଁ ଅନାଦି କାଳରୁ ଏ ସମାଜ ତଥା ଜୀବନର ସୁଖ, ଶାନ୍ତି ଓ ସମୃଦ୍ଧି ନିମନ୍ତେ ଦେବୀ ଆରାଧନା କରାଯାଉଛି। ମାତୃଶକ୍ତି ହେଉଛି ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳାଧାର। ସେହି ଶକ୍ତିକୁ ବାଦ ଦେଇ ଏ ସୁନ୍ଦର ସୃଷ୍ଟିର ପରିକଳ୍ପନା ଅସମ୍ଭବ। ସେଥିପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ, ବିଭିନ୍ନ ରୂପରେ, ବିଭିନ୍ନ ଧାରାରେ ଦେବୀ ପୂଜା କରାଯାଇ ମାତୃଶକ୍ତିର କରୁଣା ଓ ଆଶୀର୍ବା ପ୍ରାପ୍ତ କରିବାର ଧାରା ପ୍ରଚଳିତ। ସେଥିପାଇଁ ମା’ ପାଟଣ ମଙ୍ଗଳା ଅନ୍ୟତମ।

## ଅବସ୍ଥିତି :

ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଛତ୍ରପଦା ଗ୍ରାମରେ ଥିବା ଏହି ପାଟଣମଙ୍ଗଳା ମନ୍ଦିର ହେଉଛି ଭଦ୍ରକର ଅନ୍ୟତମ ବିଶିଷ୍ଟ ଧାର୍ମିକ ଐତିହ୍ୟସ୍ଥଳ। ଏହିଠାରେ ପୂଜିତ ହେଉଛନ୍ତି ମା’ଙ୍କର ମହିମା ଅପାର। ଏହା ଏକ ପ୍ରାଚୀନ ପୀଠ। ଏହା ସୁଦୂର ସିଂହଳ ଦ୍ୱୀପରୁ ଆସିଥିବାରୁ ଏହା ଲଙ୍କେଶ୍ୱରୀ ନାମରେ ଭକ୍ତ ଗହଣରେ ପରିଚିତ। ଏହି ପୀଠ ଭଦ୍ରକ-ଚାନ୍ଦବାଲି ରାସ୍ତାର ଗଦି ଛକଠାରୁ ଘଣ୍ଟେଶ୍ୱର ଆଡ଼କୁ ଗଲେ ୫ କି.ମି. ଦୂରରେ ଅବସ୍ଥିତ। ଏହାର ସୁଉଚ୍ଚ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର ଓ ମନ୍ଦିର ନିକଟରେ ଥିବା ବିରାଟ ପୁଷ୍କରିଣୀର ଶୋଭା ଅତୁଳନୀୟ।

## କିମ୍ବଦନ୍ତୀରେ ମା’ ମଙ୍ଗଳା

କିମ୍ବଦନ୍ତୀ ଅନୁସାରେ ଏହି ମନ୍ଦିର କନିକା ଜମିଦାରୀର ରାଜବଂଶୀୟ ରାଜାମାନଙ୍କର କୀର୍ତ୍ତି।

ଧନେଶ୍ୱର ନରେନ୍ଦ୍ର ସୌଦାଗର ନାମରେ ଜଣେ ସାଧବ ନରେନ୍ଦ୍ରପୁରରେ ଅବସ୍ଥାନ କରୁଥିଲେ। ତାଙ୍କ ସ୍ତ୍ରୀଙ୍କ ନାମ ନୟନା ସୁନ୍ଦରୀ। ସେ ଅମାପ ସଂପତ୍ତିର ଅଧିକାରୀ ଥିଲେ ମଧ ତାଙ୍କ କୋଳରେ ପିଲାପିଲି ନ ଥିଲେ। ସେ ଦୁହେଁ ପିଲାଟିଏ ପାଇବା ପାଇଁ ବହୁ ଦିଅଁ ଦେବତାଙ୍କୁ ପୂଜା ଆରାଧନା କରୁଥିଲେ।

ଏକଦା ସେ ଲଙ୍କା ଅଭିମୁଖେ ବୋଇତ ନେଇ ବେପାର ବଣିଜ କରିବାକୁ ଯାଉଥିଲେ। ବୋଇତରେ ସେ ସାଗରର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଥାନ୍ତି। ହଠାତ୍ ସେ ଦେଖିବାକୁ ପାଇଲେ ଯେ ସମୁଦ୍ର ଲହଡ଼ି ଭିତରେ ଏକ ପଦ୍ମଫୁଲ ଫୁଟିଛି ଓ ସେଥିରେ ଏକ ଦିବ୍ୟ ସୁନ୍ଦରୀ କନ୍ୟା ବିରାଜମାନ କରିଛି। ସେ ଏହାକୁ ଦେବୀଙ୍କର ଦର୍ଶନ ମନେ କରି ଖୁସି ମନରେ ବୋଇତ ନେଇ ଲଙ୍କାରେ ପହଞ୍ଚିଲେ। ଏହି ଦିବ୍ୟ ଅନୁଭୂତିର କଥା ଲଙ୍କାରେ କହିବାରୁ କେହି ବିଶ୍ୱାସ କଲେ ନାହିଁ। ଲଙ୍କାର ନୃପତି ତାଙ୍କୁ ଏହାର ପ୍ରମାଣ ଦେବାକୁ କହିଲେ। ଧନେଶ୍ୱର ତାଙ୍କୁ ଆଣି ସମୁଦ୍ରରେ ଦେଖାଇବାରୁ ସେ ଦୃଶ୍ୟ ଆଉ ଦୃଶ୍ୟମାନ ହେଲା ନାହିଁ। ଫଳରେ ରାଜା ତାଙ୍କୁ ମିଥ୍ୟାବାଦୀ, ଠକ, ପ୍ରବଞ୍ଚକ କହି କାରାଗାରରେ ବନ୍ଦୀ କଲେ।

ଧନେଶ୍ୱର ବନ୍ଦୀଶାଳାରେ ରହି ଜଗତଜନନୀ ଲଙ୍କେଶ୍ୱରୀଙ୍କୁ ସ୍ମରଣ କଲେ। ତାଙ୍କ ପ୍ରତି ଅନ୍ୟାୟ ହୋଇଥିବାରୁ ସେଥିରୁ ମୁକ୍ତି ପାଇଁ ପ୍ରାର୍ଥନା କଲେ।

ଏହି ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମା’ ଲଙ୍କେଶ୍ୱରୀ ଲଙ୍କା-ରାଜନଙ୍କୁ ସ୍ୱପ୍ନରେ ଦେଖା ଦେଇ କହିଲେ- ‘ଧନେଶ୍ୱର ମୋର ପରମ ଭକ୍ତ। ତାଙ୍କୁ କାରାଗାର ମୁକ୍ତ କରି ତା’ର ଧନରତ୍ନ ଫେରାଇ ସସମ୍ମାନେ ବିଦା କରିଦିଅ। ନଚେତ୍ ଲଙ୍କାରେ ମୁଁ ପ୍ରଳୟ ରଚନା କରିବି।’

ରାଜା, ପରଦିନ ସାଧବ ଧନେଶ୍ୱରଙ୍କୁ କାରାଗାର ମୁକ୍ତ କରି ରାଜକୀୟ ସଂବର୍ଦ୍ଧନା ଦେଇ ଧନରତ୍ନ ସହିତ ସ୍ୱଗୃହ ଅଭିମୁଖେ ବିଦା କରିଦେଲେ। ସେ ବୋଇତ ମଙ୍ଗରେ ପାଣି ଦେଇ ଧୂପ, ଦୀପ, ନୈବେଦ୍ୟ ଦେଇ ମା’ ମଙ୍ଗଳାଙ୍କୁ ଧ୍ୟାନ କରି ବୋଇତ ମଝି ଦରିଆରେ ମେଲାଇ ଦେଲେ।

ସମୁଦ୍ରରେ ଆସୁ ଆସୁ ବୋଇତ ସାମୁଦ୍ରିକ ଝଡ଼ର ଶିକାର ହେଲା। ସାଧବ ନିରୁପାୟ ହୋଇ ଲଙ୍କେଶ୍ୱରୀଙ୍କୁ ପ୍ରାର୍ଥନା କଲେ। ତାଙ୍କ ଭକ୍ତିରେ ମା’ ଆବିର୍ଭାବ ହୋଇ ବୋଇତକୁ ରକ୍ଷା କଲେ। ତାଙ୍କୁ ସ୍ୱପ୍ନାଦେଶ ହେଲା- ‘ମୁଁ ତୁମର ପାଖେ ପାଖେ ରହିଛି। ତୁମର କିଛି ବି କ୍ଷତି ହେବ ନାହିଁ। ତୁମର ତଥା ତୁମ ପତ୍ନୀ ନୟନାର ଭକ୍ତିରେ ମୁଁ ଅତ୍ୟନ୍ତ ପ୍ରୀତ। ମୁଁ ଅଦୃଶ୍ୟ ଭାବେ ତୁମ ବୋଇତ ମଙ୍ଗରେ ବିଜେ କରିଛି। ମୋର ନାମ ମଙ୍ଗଳା। ମୁଁ ତୁମ ବୋଇତକୁ ଠିକ୍ ଭାବେ ବାହି ନେବି। ତୁମ ନଅରଠାରୁ କିଛି ଦୂରରେ ମୁଁ ବିଜେ କରିବି। ମୁଁ ପାଟଣ ମଙ୍ଗଳା ଭାବରେ ପୂଜା ପାଇବି। ପାଟୁଆମାନେ ମୋର ଭକ୍ତ ହେବେ। ତୁମକୁ ଏହା ଜଣାଇ ସଂକେତ ଦେବା ପାଇଁ ମୁଁ ବୋଇତ ଆଗରେ ଏକ ବେତବାଡ଼ି ଭସାଉଛି। ଏହା ଯେଉଁଠାରେ ଲାଗିବ, ସେଇଟା ହେବ ତୀର୍ଥସ୍ଥାନ। ମୁଁ ଯେଉଁଠି ବିଜେ କରିବି ସେହି ବିଜେସ୍ଥଳୀରେ ତୁମେ ବେଲପଣା, ଅନ୍ନ ଓ ଜଳଛତ୍ର ଦେବ। ସେହି ସ୍ଥାନର ନାମ ହେବ ଛତ୍ରପଦା।’ ତାହା ହିଁ ହେଲା। ସେହି ଦିନଠାରୁ ଛତ୍ରପଦା ଗ୍ରାମରେ ମା’ ପାଟଣ ମଙ୍ଗଳା ବିଜେ ହୋଇଛନ୍ତି।

## ମା’ଙ୍କର ମୁଖ୍ୟ ପର୍ବ: ପଣା ସଂକ୍ରାନ୍ତି

ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ହେଉଛି ଏହି ପୀଠର ମହାନ ପର୍ବ। ଏଠାରେ ଏକ ବଡ଼ ମେଳା ବସେ। ଏହି ମେଳାରେ ଛୁଞ୍ଚ-ସୂତାଠାରୁ କଂସା-ବାସନ, ସୁନା ରୂପା, କୁଲାଛାଞ୍ଚୁଣି ପର୍ଯ୍ୟନ୍ତ ବିଭିନ୍ନ ଦ୍ରବ୍ୟ ବିକ୍ରିବଟା ହୁଏ। ଏହି ମେଳା ଏକ ସପ୍ତାହ ଧରି ଚାଲେ ଓ ହଜାର ହଜାର ଲୋକଙ୍କର ସମାଗମ ହୁଏ। ଏହି ମେଳାରେ ବେଲପଣା, ଚଣା ଓ ବିଞ୍ଚଣା ବହୁ ପରିମାଣରେ ମିଳୁଥିବାରୁ ଏହାକୁ ‘ପଣା-ଚଣା, ବିଞ୍ଚଣା’ର ପର୍ବ ବୋଲି କୁହାଯାଏ। ଏହି ମେଳା ଦେଖିବାକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଛୁଟି ଆସନ୍ତି। ମା’ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ। ଖରାଦିନ ହୋଇଥିବାରୁ ଜାଗାରେ ଜାଗାରେ ଜଳଛତ୍ର ଖୋଲା ଯାଇଥାଏ। ଲୋକମାନେ ମା’ଙ୍କୁ ଦର୍ଶନ କରିବା ସହିତ ପ୍ରଶସ୍ତ ପଡ଼ିଆରେ ବୁଲାବୁଲି କରି ଖାଦ୍ୟ ଖାଆନ୍ତି। ଜିନିଷପତ୍ର କିଣନ୍ତି। ଶିଶୁ-କିଶୋରମାନେ ଦୋଳିରେ ଝୁଲନ୍ତି। ବିଶେଷକରି ସନ୍ଧ୍ୟା ସମୟରେ ପ୍ରବଳ ଭିଡ଼ ହେବାରେ ଲକ୍ଷ୍ୟ କରାଯାଏ।

## ମୁଖ୍ୟ ଆକର୍ଷଣ: ପାଟୁଆ ନାଚ

ଏହି ପର୍ବର ମୁଖ୍ୟ ଆକର୍ଷଣ ପାଟୁଆ ଯାତ୍ରା। ଚୈତ୍ର ମାସ ଆରମ୍ଭରେ ମା’ ମଙ୍ଗଳାଙ୍କୁ ମାନସିକ କରି ପାଟୁଆମାନେ ଘଟ ସ୍ଥାପନ କରନ୍ତି। ସେହି ଘଟକୁ ପୂଜା କରି ବେତବାଡ଼ି ସହିତ ହାତରେ ଧରି ମା’ ମଙ୍ଗଳାଙ୍କ ବେଶଭୂଷା ପରିଧାନ କରି ସେମାନେ ଗାଁ ଗାଁ ଘର ଘର ବୁଲି ନୃତ୍ୟ କରନ୍ତି। ସେମାନଙ୍କୁ ‘ଘଣ୍ଟ ପାଟୁଆ’ କୁହାଯଏ। ଏ ଦୁନିଆର ମଙ୍ଗଳ ପାଇଁ ଘଟ ହିଁ ମଙ୍ଗଳ କାମନା କରିଥାଏ। କେତେକ ବ୍ୟକ୍ତି ମଧ ଗାଁ ଗାଁ ନ ବୁଲି ଘରେ ରହି ମଙ୍ଗଳାଙ୍କ ପାଖରେ ଲୟ ରଖି ପାଟୁଆ ହୋଇଥା’ନ୍ତି। ଏହି ପାଟୁଆମାନେ ମାସନ୍ତ ଦିନ (ଚୈତ୍ର ମାସ ଶେଷ ଦିନ) ହଳଦିଆ ଗ୍ରାମ ସ୍ଥିତ କୁମ୍ଭାର ଘରେ ନିଶା ଘଟରେ ଗୁଆ ଓ ଅରୁଆ ଚାଉଳ ଭରିଥାନ୍ତି। ଏହି ନିଶାଘଟ ପାଇଁ ସାତଟି ଘଟ ମାଟିରେ ଗଢ଼ା ହୋଇଥାଏ। ସେହି ଘଟ ଗୁଡ଼ିକ ପିଠଉ, ଅଭିର ଓ ରଙ୍ଗରେ କୁଟି କମ କରାଯାଇଥାଏ। ରାତି ସାରା ଏହି ଘଟ ପାଖରେ ଦୀପ ଜଳାଯାଏ। ଭକ୍ତ ପାଟୁଆମାନେ ଶୁଦ୍ଧପୁତ ହୋଇ ଏହି ଘଟରେ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା କରନ୍ତି। ତା’ପରେ ସେମାନେ ମା’ ମଙ୍ଗଳାଙ୍କ ପାଖରେ ହୋମ କରନ୍ତି। ସଂକ୍ରାନ୍ତି ଦିନ ପାଟୁଆମାନେ ହାତରେ ବେତ ଧରି ପଟୁଆରରେ ଯାଇ ମା’ ମଙ୍ଗଳାଙ୍କ ମନ୍ଦିର ପରିକ୍ରମା କରନ୍ତି ଓ ପୁଷ୍କରିଣୀରେ ପବିତ୍ର ସ୍ନାନ କରନ୍ତି। ବିଷୁବ ସଂକ୍ରାନ୍ତିରେ ଏହି ଯାତ୍ରାକୁ ‘ପାଟୁଆ ପଡ଼ା ଯାତ୍ରା’ ମଧ କୁହାଯାଏ। ଏହା ଅପଭ୍ରଂଶ ହୋଇ ‘ପାଠ ପଢ଼ା ଯାତ୍ରା’ ବୋଲି ମଧ କେହି କେହି କହିଥାନ୍ତି।

## ମନ୍ଦିର ଓ ପୁଷ୍କରିଣୀ:

ନୂତନ ଭାବେ ନିର୍ମିତ ମନ୍ଦିର କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ପ୍ରଥମେ ଆରମ୍ଭ କରିଥିଲେ। କାର୍ଯ୍ୟ ସଂପୂର୍ଣ୍ଣ ନହେଉଣୁ, ତାଙ୍କର ମହା ପ୍ରୟାଣ ଘଟିଲା। ତା’ପରେ ତାଙ୍କର ସୁପୁତ୍ର ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ। ପୁରୀ ଜିଲ୍ଲା ଓଡ଼ଙ୍ଗା ଗାଁରୁ ଶିଳ୍ପୀମାନେ ଆସି ଏହି ମନ୍ଦିର ନିର୍ମାଣ କାର୍ଯ୍ୟ କରିଥିଲେ।

ମନ୍ଦିର ନିକଟରେ ଦେଖିବାକୁ ମିଳେ ଏକ ବିରାଟ ପୁଷ୍କରିଣୀ। କଥିତ ଅଛି ଯେ ଧନେଶ୍ୱର ସାଧବ ମା’ ମଙ୍ଗଳାଙ୍କ ମୂର୍ତ୍ତି ସ୍ଥାପନ କଲା ପରେ ଏହି ମହା ପୁଷ୍କରିଣୀ ଖୋଳାଇ ଥିଲେ। ସେ ଗଙ୍ଗା, ଯମୁନା, ସରସ୍ୱତୀ, ଗୋଦାବରୀ, ଗୋମତି ସିନ୍ଧୁ ଆଦି ତୀର୍ଥସ୍ଥଳରୁ ମୃତ୍ତିକା ଆଣି ସେ ଏହି ସରୋବର ପ୍ରତିଷ୍ଠା କରିଥିଲେ। ଏହି ପୋଖରୀର ଜଳ ପବିତ୍ର। ପାଟୁଆମାନେ ଏହି ପୋଖରୀରେ ସେମାନଙ୍କ ଧାର୍ମିକ କାର୍ଯ୍ୟ କରିଥାନ୍ତି। ବାରୁଣୀ ଦିନ ଏଠାରେ ପବିତ୍ର ସ୍ନାନ କରିବା ପାଇଁ ପ୍ରବଳ ଭିଡ଼ ହୁଏ।

ପ୍ରବାଦ ଅଛି ଯେ ଆଗରୁ ଏହି ପବିତ୍ର ପୋଖରୀରେ ହାଣ୍ଡି, ଗରା, ତାଡ଼ ଆଦି ବାସନକୁସନ ରହିଛି ବୋଲି ଲୋକମାନେ ବିଶ୍ୱାସ କରୁଥିଲେ। ଯଦି କାହାର ବିବାହ, ବ୍ରତ ଆଦି ଉତ୍ସବ ହେଉଥିଲା, ଗୃହକର୍ତ୍ତା ଆସି ମା’ ମଙ୍ଗଳାଙ୍କୁ ସ୍ମରଣ କରି ପୋଖରୀ କୂଳରେ ବସି ତା’ର ବାସନକୁସନ ଦରକାର ବୋଲି କହୁଥିଲେ। ମା’ ମଙ୍ଗଳାଙ୍କ ଦୟାରୁ ସକାଳୁ ସେହି ଆବଶ୍ୟକୀୟ ସାମଗ୍ରୀ ଭାସି ଭାସି ଆସି କୂଳରେ ଲାଗୁଥିଲା। ଲୋକେ ସାମଗ୍ରୀ ତାହା ବ୍ୟବହାର କରି କାମ ଶେଷରେ ସେଠାକୁ ଆସି ପାଣିରେ ଭସାଇ ଦେଉଥିଲେ। ତାହା କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଉଥିଲା। କାଳକ୍ରମେ ଲୋକମାନେ ଆଣି ନ ଫେରାଇବାରୁ ଆଉ ଏଭଳି ଅଲୌକିକତା ଦେଖାଗଲା ନାହିଁ। କୁହାଯାଏ ଯେ କଳାପାହାଡ଼ର ଆକ୍ରମଣରୁ ରକ୍ଷା



ପାଇବା ପାଇଁ ମା’ ମଙ୍ଗଳା ଏହି ପୋଖରୀରେ ବୁଡ଼ି ରହିଥିଲେ। କଳା ପାହାଡ଼ ତାଙ୍କୁ ନପାଇ ଏହି ମହା ପୋଖରୀରେ ମଇଁଷି ପୂରାଇ ଦେଇଥିଲେ। ତେଣୁ ଦେବୀଙ୍କ ବାମ ଗାଲରେ ଖୋଜ ଚିହ୍ନ ରହିଯାଇଛି।

ଡକ୍ଟର ଅରୁଣ କୁମାର ପଣ୍ଡା,
ଡୋଟାପଡ଼ା, ଘଣ୍ଟେଶ୍ୱର, ଭଦ୍ରକ-୭୫୬୧୨୯
ମୋ- ୯୯୩୭୬୭୨୩୦୮

ମନୋରଞ୍ଜନ

## ଚର୍ଚ୍ଚାରେ ଅଛି 'ଡନ୍-୩',

# ସୁଟିଂରେ ହେଉଛି ବିଳମ୍ବ

ଅନେକ ସମୟ ହେଲା ଫିଲ୍ମ 'ଡନ୍-୩' ଚର୍ଚ୍ଚାରେ ରହିଥିବା ବେଳେ ଏହାର ସୁଟିଂରେ ବିଳମ୍ବ ହେଉଥିବା ଖବର ଆସୁଛି । ଏହାର କାରଣ ଫିଲ୍ମର ନିର୍ଦ୍ଦେଶକ ଫରହାନ୍ ଅଖତର୍ ବ୍ୟସ୍ତ ଅଛନ୍ତି ଫିଲ୍ମ '୧୨୦ ବାହାଦୁର' ଫିଲ୍ମର ସୁଟିଂରେ । ପୂର୍ବରୁ ଏ ବର୍ଷ ଜୁନ୍ କିମ୍ବା ଜୁଲାଇରୁ ଏହାର ସୁଟିଂ ଆରମ୍ଭ ହୋଇପାରେ ବୋଲି କୁହାଯାଉଥିଲା । କିନ୍ତୁ ଅନ୍ୟ ଏକ ସୂତ୍ର ଅନୁସାରେ ଫିଲ୍ମ 'ଧୁରନ୍ଧର'ର ସୁଟିଂରେ ବ୍ୟସ୍ତ ଅଛନ୍ତି ରଣବୀର ସିଂହ । ଆଦିତ୍ୟ ଧରଙ୍କ ଏହି ଫିଲ୍ମଟି ପାଇଁ ରଣବୀର ପୂରା ବ୍ୟସ୍ତ ଥିବାରୁ 'ଡନ୍-୩'ର ସୁଟିଂରେ ବିଳମ୍ବ ହେଉଛି । ଏହାପରେ ସେ 'ଡନ୍-୩' ଉପରେ କାମ ଆରମ୍ଭ କରିବେ । ତେବେ 'ଧୁରନ୍ଧର'ର ସୁଟ୍ ସିଡ୍ୟୁଲ୍ ଅଧାରେ ରହିଛି ଯାହା ସେପ୍ଟେମ୍ବର କିମ୍ବା ଅକ୍ଟୋବରରୁ ଚାଲୁ ହୋଇପାରେ । ତେଣୁ ଫିଲ୍ମଟି ଆସନ୍ତା ବର୍ଷର ଶେଷ ଆଡ଼କୁ ରିଲିଜ ହେବ ବୋଲି କୁହାଯାଉଛି । ନିର୍ମାତାମାନେ ଏହି ଫିଲ୍ମ ପାଇଁ ମୁଖ୍ୟ ଅଭିନେତ୍ରୀ ଭାବରେ କିୟାରା ଆଡ୍‌ଭାନୀଙ୍କ ନାମ ଘୋଷଣା କରିଥିଲେ ମଧ୍ୟ ପ୍ରେଗନେନ୍ସି କାରଣରୁ ଏଥିରୁ ନିଜେ ବାହାରି ଯିବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି । ତେଣୁ କିୟାରାଙ୍କ ସ୍ଥାନରେ କେଉଁ ଅଭିନେତ୍ରୀଙ୍କୁ ଏଥିରେ ସାମିଲ କରାଯିବ ସେ ବିଷୟରେ ମଧ୍ୟ ଜଣାପଡ଼ି ନାହିଁ ।








## ସୁଟିଂ ଆରମ୍ଭ କଲେ

# ଅଜୟ ଓ ତମନ୍ନା



ଅଭିନେତା ଅଜୟ ଦେବଗନଙ୍କ ହାତରେ ଏ ସମୟରେ ରହିଛି କେତେଗୁଡ଼ିଏ ବଡ଼ ବଡ଼ ପ୍ରୋଜେକ୍ଟ । ଏହି ସୂଚୀରେ ରହିଛି ଫିଲ୍ମ 'ରେଞ୍ଜର୍'ର ନାମ ଯାହାର ଘୋଷଣା କିଛି ମାସ ପୂର୍ବରୁ କରିଥିଲେ ନିର୍ମାତାମାନେ । ଏଥିରେ ଅଜୟଙ୍କ ସହିତ ଦକ୍ଷିଣ ଭାରତୀୟ ଫିଲ୍ମରୁ ବଲିଉଡ୍ ଦୁନିଆ ପର୍ଯ୍ୟନ୍ତ ହଲଚଲ୍ ସୃଷ୍ଟି କରିଥିବା ଅଭିନେତ୍ରୀ ତମନ୍ନା ଭାଟିଆ ଅଛନ୍ତି । ତେବେ ଖବର ଅନୁସାରେ ଅଜୟ ଓ ତମନ୍ନା ଫିଲ୍ମର ସୁଟିଂ ଆରମ୍ଭ କଲେଣି ଉଟିରେ । ଫିଲ୍ମଟି ଏବେ ଫ୍ଲୋର୍‌କୁ ଯାଇସାରିଲାଣି ଓ ଏହାର ସିଡ୍ୟୁଲ୍ ଅନୁସାରେ କେତେକ ଷ୍ଟଣ୍ଟ୍ସ ଓ ଆବେଗପୂର୍ଣ୍ଣ ଦୃଶ୍ୟଗୁଡ଼ିକର ମଧ୍ୟ ସୁଟିଂ କରାଯାଉଛି । ଫିଲ୍ମଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜଗନ ଶକ୍ତି । 'ମିଶନ ମଙ୍ଗଲ୍'ର ମଧ୍ୟ ସେ ନିର୍ଦ୍ଦେଶକ ଥିଲେ । ଏହା ପୂର୍ବରୁ ସାଜିଦ୍ ଖାନଙ୍କ ଫିଲ୍ମ 'ହିମ୍ମତୱାଲା'ରେ ତମନ୍ନା ନଜର ଆସିଥିଲେ । କିନ୍ତୁ ଫିଲ୍ମଟି ରିଲିଜ ହୋଇଥିଲା ୨୦୧୩ରେ ଓ ସୁପରଫ୍ଲପ୍ ମଧ୍ୟ ହୋଇଥିଲା । ଏହାପରେ ଅଜୟଙ୍କ ଫିଲ୍ମ 'ରେଡ୍-୨'ରେ ଡ୍ୟାନ୍ସ ନମ୍ବର କରିବେ ତମନ୍ନା । ତେବେ ଫିଲ୍ମ 'ରେଞ୍ଜର୍' ଦେଖିବା ପାଇଁ ଦର୍ଶକମାନେ କେତେ ଉତ୍ସାହିତ ଅଛନ୍ତି ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ । ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଅଜୟ ଆଗାମୀ ଦିନରେ 'ରେଡ୍-୨' ବ୍ୟତୀତ ସନ୍ ଅଫ୍ ସର୍ଦ୍ଦାର-୨, ଦେ ଦେ ପ୍ୟାର୍ ଦେ-୨, ଧମାଲ୍-୪, ଗୋଲ୍‌ମାଲ୍-୫ରେ ନଜର ଆସିବେ ।

# ଦକ୍ଷିଣର ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ନୂଆ ନାମ-ସାଇ



ଫିଲ୍ମ 'ପୁଷ୍ପା-୨' ପରେ ଦକ୍ଷିଣ ଭାରତୀୟ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ ଦର୍ଶକମାନଙ୍କର ପ୍ରଥମ ପସନ୍ଦ ହୋଇ ରହିଛନ୍ତି । ବହୁତ ଶୀଘ୍ର ନିର୍ଦ୍ଦେଶକ ଏଟ୍‌ଲୀଙ୍କ ସହିତ ଏକ ବଡ଼ ଫିଲ୍ମରେ କାମ କରିବେ ଅଲ୍ଲୁ ଅର୍ଜୁନ । ତେବେ ଫିଲ୍ମଟି ଯଦି ବଡ଼ ପ୍ରୋଜେକ୍ଟ ତେବେ ଏହାର ସଙ୍ଗୀତ ମଧ୍ୟ ଖାସ୍ ହେବା ଆବଶ୍ୟକ । ତଥ୍ୟ ଅନୁସାରେ ଏଟ୍‌ଲୀ ଫିଲ୍ମ ମ୍ୟୁଜିକ୍‌ର କଣ୍ଟ୍ରାକ୍ଟ ଦେଇଛନ୍ତି ୨୦ ବର୍ଷୀୟ ଯୁବ ଗାୟକ ସାଇ ଅଭୟଙ୍କର୍‌ଙ୍କୁ । ହିନ୍ଦୀ ଦର୍ଶକମାନେ ଯଦିଓ ସାଇଙ୍କ ବିଷୟରେ ସେତେ ଜାଣିନାହାନ୍ତି କିନ୍ତୁ ଦକ୍ଷିଣ ଭାରତୀୟ ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ସାଇ ଏକ ଜଣାଶୁଣା ନାମ । ତାମିଲ୍ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ କାମ କରୁଥିବା ସାଇ ଅନେକଗୁଡ଼ିଏ ଚାର୍ଟବଷ୍ଟର୍ ଗୀତ ନିଜେ କମ୍ପୋଜ କରିଛନ୍ତି । ତାଙ୍କର ସୁମଧୁର ସ୍ୱରକୁ ଦର୍ଶକମାନଙ୍କର ପ୍ରଚୁର ଭଲ ପାଇବା ମିଳିଛି । ସଙ୍ଗୀତ ପରିବାରରୁ ଆସିଥିବା ସାଇଙ୍କ ପିତା ହେଉଛନ୍ତି ଗାୟକ ଏକମ୍ବରେଶ ଲକ୍ଷ୍ମୀ ନାରାୟଣନ୍ ଓ ମାତା ଗାୟିକା ସରିଣୀ । ସାଇଙ୍କ ଭଉଣୀ ସ୍ମୃତି ମଧ୍ୟ ଜଣେ ଜଣାଶୁଣା ଗାୟିକା । ଶିକ୍ଷାଗତ ଦୃଷ୍ଟିରୁ ସାଇ କମ୍ପ୍ୟୁଟର ସାଇନ୍ସରେ ବି.ଟେକ୍ କରିଛନ୍ତି । ୨୦୨୩ରେ 'ଭଲାମ୍ ଭରଭେଣ୍ଟୁମ୍' ଆଲବମ୍ ଜରିଆରେ ସଙ୍ଗୀତ ଦୁନିଆରେ ପ୍ରବେଶ କରିଥିଲେ ସାଇ । ସେ କମ୍ପୋଜ କରିଥିବା 'କଟଚି ସେରା' ନାମକ ଗୀତ ଗତ ବର୍ଷ ଇଣ୍ଟରନେଟ୍‌ରେ ଭାଇରାଲ୍ ହୋଇଥିଲା । ତେବେ ସାଇଙ୍କ ପ୍ରଶଂସକମାନେ ଏଟ୍‌ଲୀଙ୍କ ଆଗାମୀ ଫିଲ୍ମରେ ସାଇଙ୍କ ଟ୍ରାକ୍ ଶୁଣିବା ପାଇଁ ଅପେକ୍ଷା କରି ରହିଛନ୍ତି ।



## 'ଭାଗ୍ୟରେଖା'ର କାହାଣୀରେ ନୂଆ ମୋଡ଼

# ଅଲଗା ହେବେ ଭାଗ୍ୟ ଓ ରେଖା ?

ଓଡିଶାର ନମ୍ବର ୧ ଚ୍ୟାନେଲ୍ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ମନଛୁଆଁ ଧାରାବାହିକ, ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ବା ବାସ୍ତବବାଦୀ ଚଳଚ୍ଚିତ୍ର ଭେଟିଦେଇ ସାଜିଛି ଦର୍ଶକଙ୍କର ପ୍ରଥମ ପସନ୍ଦ । ଠିକ୍ ସେମିତି ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ଭାଗ୍ୟରେଖା' ଯାହାକୁ ମିଳିଛି ଆପଣଙ୍କ ପାଖରୁ ଅଶେଷ ଭଲପାଇବା । ଆଉ ଆପଣଙ୍କର ସେହି ଭଲପାଇବା ପାଇଁ ଏହା ସଫଳତାର ସହ ସମ୍ପୂର୍ଣ୍ଣ କରିଛି ୩୦୦ ଅଧ୍ୟାୟ । ଏହି ଧାରାବାହିକରେ ଆଗକୁ ଘଟିବାକୁ ଯାଉଛି ଏକ ନୂଆ ଟ୍ୱିଷ୍ଟ । ଶିଖା ଓ ମୋହିନୀର ଚକ୍ରାନ୍ତର ଶିକାର ହୋଇ ରେଖାକୁ ଘରୁ ବାହାର କରିଦିଏ ଭାଗ୍ୟ । ଏପଟେ ସୀତା ସତ୍ୟର ପର୍ଦ୍ଦାଫାଶ କରିବା ପାଇଁ ଶପଥ ନେଇଛନ୍ତି । ମୋହିନୀ, ଭାଗ୍ୟର ଦ୍ୱିତୀୟ ବିବାହ କରାଇବା ପାଇଁ ଯୋଜନା କରିଛନ୍ତି । ରେଖା, ଅନେକ ସଂଘର୍ଷ କରି କେମିତି ନିଜକୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିବାକୁ ଲାଗିପଡିଛି । ତେବେ କ'ଣ ଭାଗ୍ୟ ଓ ରେଖା ସବୁଦିନ ପାଇଁ ଅଲଗା ହୋଇଯିବେ ? କେମିତି ରେଖା ଏହିସବୁ ପରିସ୍ଥିତିର ଏକୁଟିଆ ସାମ୍ନା କରିବ ? କାହାଣୀରେ କ'ଣ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିବ ? ସବୁ ଜାଣିବାକୁ ହେଲେ 'ଭାଗ୍ୟରେଖା' ଧାରାବାହିକ ସହିତ ନିଜକୁ ଯୋଡି ହେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର୍ ପ୍ରତୀକ ସିଲ୍ ।





# ରାମ ଗୋପାଲ: ମନୋଜ ଯୋଡ଼ି

ଅଭିନେତା ମନୋଜ ବାଜପେୟୀ ଓ ନିର୍ଦ୍ଦେଶକ ରାମ ଗୋପାଲ୍ ବର୍ମାଙ୍କ ଯୋଡ଼ି ବଲିଉଡ୍‌ରେ ସୁପରହିଟ୍ ଫିଲ୍ମ ଦେଇସାରିଛି ଯେଉଁଥିରେ ସାମିଲ ଅଛନ୍ତି ସତ୍ୟା, ଶୂଲ୍ ଓ କୌନ୍ ପରି ଫିଲ୍ମ । ଏହି ସଫଳ ଯୋଡ଼ି ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି 'ପୁଲିସ୍ ଷ୍ଟେସନ୍ ମେ ଭୂତ୍' ଜରିଆରେ । ଏହି ହରର୍-କମେଡି ଫିଲ୍ମରେ ପ୍ରଥମ ଥର କାମ କରିବେ ରାମ ଗୋପାଲ୍ ବର୍ମା ଓ ମନୋଜ ବାଜପେୟୀ । ଏହା ପୂର୍ବରୁ ସେମାନେ ହରର୍, ଗ୍ୟାଙ୍ଗଷ୍ଟାର, ରୋମାଣ୍ଟିକ, ରାଜନୈତିକ ଡ୍ରାମା, ଆଡ୍‌ଭେଞ୍ଚର କ୍ୟାପର୍ସ, ଥ୍ରୀଲର୍ ଆଦି ବିଷୟବସ୍ତୁ ଉପରେ କାମ କରିସାରିଛନ୍ତି । 'ପୁଲିସ୍ ଷ୍ଟେସନ୍ ମେ ଭୂତ୍'ର କାହାଣୀରେ ଘାତକ ଏନ୍‌କାଉଣ୍ଟର ମଧ୍ୟରେ ଏକ ହତ୍ୟା ହେଉଛି । ଏହା ପରେ ପୁଲିସ୍ ଷ୍ଟେସନ୍ ଏକ ପ୍ରେତବାଧିତ ଷ୍ଟେସନ୍‌ରେ ପରିଣତ ହୋଇଯାଉଛି ଯେଉଁଥିରେ ସମସ୍ତ ପୁଲିସକର୍ମୀ ଗ୍ୟାଙ୍ଗଷ୍ଟାର୍‌ଙ୍କ ଭୂତମାନଙ୍କ ଠାରୁ ରକ୍ଷା ପାଇବା ପାଇଁ ଭୟରେ ସେ ସ୍ଥାନ ଛାଡ଼ି ଦେଉଛନ୍ତି । ଏଥିରେ ଅତ୍ୟାଧୁନିକ ବିଏଫ୍‌ଏକ୍ସ ଦେଖିଲେ ଭୟଙ୍କର ପ୍ରଭାବଗୁଡ଼ିକ ସହିତ ଫିଲ୍ମଟି ଏକ ମଜାଦାର ଅନୁଭବ ଦେବ । ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ମନୋଜ ବାଜପେୟୀ ବହୁତ ଶୀଘ୍ର 'ଫ୍ୟାମିଲୀ ମ୍ୟାନ୍'ର ସିଜିନ-୩ରେ ନଜର ଆସିବେ । ଏଥିରେ ପ୍ରଶଂସିତ ଅଭିନେତା ଜୟଦୀପ୍ ଅହଲାବତ ମଧ୍ୟ ସାମିଲ ଅଛନ୍ତି । ଜୟଦୀପ୍ 'ପାତାଲ୍ ଲୋକ'ରେ ଖୁବ୍ ସୁନ୍ଦର କାମ କରିଥିଲେ । ଫିଲ୍ମଟି ନଭେମ୍ବରରେ ରିଲିଜ ହେବ । ଏଥିରେ ପ୍ରିୟାମଣି, ଶାରିବ ହାସ୍‌ମୀ, ଅଶ୍ଲେଷା ଠାକୁର ଓ ବେଦାନ୍ତ ସିହ୍ନାଙ୍କ ପରି ମୂଳ କଳାକାରଙ୍କୁ ସାମିଲ କରାଯାଇପାରେ ।

■ ଲାଳନ

# ଖରାଛୁଟିରେ ବହିପଢ଼ା







ଆଜିକାଲି ପିଲାମାନେ ଅତ୍ୟଧିକ ମୋବାଇଲ ପ୍ରତି ଆକର୍ଷିତ ହେଉଛନ୍ତି । ଏପରିକି ସେମାନେ ଖାଇବା ପିଇବା ବି ଭୁଲିଯାଇ ମୋବାଇଲ ଦେଖିବାରେ ମାତି ଯାଉଛନ୍ତି । ଯଦି ସେମାନଙ୍କ ହାତରେ ମୋବାଇଲ ପଡ଼ିଲା, ସେମାନେ ଦୁନିଆର ସମସ୍ତ ଜିନିଷ ଭୁଲିଯାଉଛନ୍ତି । ସେମାନଙ୍କ ପାଇଁ ମୋବାଇଲ ଗୋଟେପଟେ ଅନ୍ୟପଟେ ସାରା ସଂସାର । ଏଥିପାଇଁ ବାପାମାଆମାନେ ସର୍ବଦା ଧ୍ୟାନ ଦେବା ଆବଶ୍ୟକ । ପିଲାମାନେ ଯେଭଳି ମୋବାଇଲ ବ୍ୟବହାର କମ୍ କରିବେ, ଧ୍ୟାନ ଦେବା ଜରୁରୀ । ବିଶେଷକରି ଖରାଛୁଟିରେ ପିଲାଙ୍କ ଉପରେ ପଢ଼ାପଢ଼ିର ଚାପ ଏତେ ନଥିବାରୁ ସେମାନେ ଅନେକ ସମୟ ଖେଳାଖେଳି କରିବାକୁ ମିଳିଥାଏ । ଆଜିକାଲି ପିଲାମାନେ ଖେଳକୁଦ ପ୍ରତି ଏତେ ଧ୍ୟାନ ନଦେଇ ମୋବାଇଲ ପ୍ରତି ଆକୃଷ୍ଟ ହେଉଛନ୍ତି । ସେମାନଙ୍କୁ ଏହିସବୁ କାମରୁ ଦୂରେଇ କିଭଳି ବହି ପଢ଼ିବାକୁ ପ୍ରେରଣା ଯୋଗାନ୍ତୁ । ବହି ପଢ଼ିବାର ଆଗ୍ରହ ପିଲାମାନଙ୍କ ମଧ୍ୟରେ ନଥିବା ଆଜିକାଲି ଦେଖାଯାଉଛି । ପିଲାମାନଙ୍କୁ ଆଗ୍ରହ ସୃଷ୍ଟି କରୁଥିବା ବିଭିନ୍ନ ବହି ପଢ଼ିବାକୁ ଦିଅନ୍ତୁ । ଯେପରିକି ବଡ଼ ବଡ଼ ଲୋକମାନଙ୍କର ଜୀବନୀମାଳା, ଗପ, ପ୍ରବନ୍ଧ ଭଳି ଉପାଦେୟ ପୁସ୍ତକ ଦିଅନ୍ତୁ । ସେମାନେ ନିଜର ରୁଟିନ ଲାଇଫ୍ ସହିତ ବହି ପଢ଼ିବାକୁ କିଭଳି ସମୟ ବାହାରେ କରିବେ ଅଭିଭାବକମାନେ ଧ୍ୟାନ ଦେବା ଉଚିତ । ବିଭିନ୍ନ ଉପାଦେୟ ପୁସ୍ତକ ପଢ଼ିବା ଦ୍ୱାରା ସେମାନଙ୍କର ସୃଜଶୀଳତା ବୃଦ୍ଧି ପାଇବା ସହିତ ପାଠପଢ଼ା ପ୍ରତି ମଧ୍ୟ ଆଗ୍ରହ ଦେଖାଇବେ । ପିଲାମାନେ ଅତ୍ୟଧିକ ଇଲୋକଟ୍ରୋନିକ୍ସ ମାଧ୍ୟମ ସହିତ ଜଡ଼ିତ ହୋଇ ରହୁଥିବାରୁ ବହିପଢ଼ାକୁ ଗୁରୁତ୍ୱ ଦେଉନାହାନ୍ତି । ଯାହାଦ୍ୱାରା ସେମାନେ ଭଲ କଥା ଯେତିକି ଶିଖୁ ନାହାନ୍ତି, ଅଧିକ କୁପ୍ରଭାବ ପକାଉଥିବା କଥା ଶିଖୁଛନ୍ତି । ବହିପଢ଼ାର ଅଭ୍ୟାସ ପିଲାମାନଙ୍କୁ କରାଇଲେ, ଆସ୍ତେ ଆସ୍ତେ ସେମାନେ ମୋବାଇଲ ଠାରୁ ଦୂରେଇ ରହିପାରିବେ ।

■ କ୍ୟାରିୟର


# ନିଜ ଭୁଲରୁ ଶିକ୍ଷା



ଅନେକ ସମୟରେ ଆମେ କିଛି ନାକିଛି ଭୁଲ କରିବସୁ । ଯେତେ ଅଭିଜ୍ଞ ଲୋକ ହେଲେ ବି ପ୍ରତ୍ୟେକଙ୍କ ଜୀବନରେ ଭୁଲଭଟ୍‌କା ରହିଛି । ସେହି ଭୁଲକୁ କେହି ସ୍ୱୀକାର କରନ୍ତି ତ କେହି କରନ୍ତି ନାହିଁ । ସ୍ୱୀକାର କରୁଥିବା ଲୋକ ହିଁ ଜୀବନରେ ଆଉ କିଛି ଅଧିକ ଜ୍ଞାନ ଆହରଣ କରିବା ପାଇଁ ଚେଷ୍ଟା କରିଥାଏ । ନିଜେ ଭୁଲ କରିଦେଇ ସ୍ୱୀକାର କରିଗଲେ ହେବନାହିଁ, ବରଂ ନିଜ ଭୁଲର ସୁଧାର ଆଣିବା ପାଇଁ ପ୍ରୟାସ କରିବା ସହ ପରବର୍ତ୍ତୀ ସମୟରେ ସେଭଳି ଭୁଲ କେବେ ହେବନାହିଁ ଚେଷ୍ଟା କରିବା ଦରକାର । ଯଦି କେବେ ଭୁଲ କରି ବସୁଛନ୍ତି, ତାହେଲେ ନିଜର ଭୁଲ କେଉଁ କାରଣରୁ ହେଲା, ଏହାଦ୍ୱାରା ନିଜର ତଥା ସଂସ୍ଥାର କ୍ଷତି କଣ ହେଲା, ଭାବିବା ଦରକାର । ଏଭଳି ଭୁଲ ହେଲେ ଏହାର ଶେଷ ପରିଣାମ କଣ ହେବ, ଏବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ଦରକାର । ଯଦି ଭୁଲକୁ ସ୍ୱୀକାର କରି ନିଜ ଭିତରେ ଆତ୍ମସମୀକ୍ଷା ଜଣେ କରେ, କେବେ ସେ ପୁନଶ୍ଚ ଭୁଲ ତ କରିବ ନାହିଁ ବରଂ ତାହାଦ୍ୱାରା ସେ ଅନେକ କିଛି ଶିକ୍ଷା ପାଇପାରିବ । ଯେମିତି ବିଫଳତା ହିଁ ସଫଳତାର ଚାବିକାଠି । ଭୁଲ ମଧ୍ୟ ମଣିଷ ଜୀବନର ସଠିକ ବାଟ ଚାଲିବାର ଏକ ଉପକ୍ରମ । ମଣିଷ ଯାହା ଭୁଲ କରେ, ତାହାକୁ ସୁଧାର ଆଣି ଯଦି ଭବିଷ୍ୟତ ଲକ୍ଷ୍ୟ ପୂରଣ ପାଇଁ ଚେଷ୍ଟା କରେ, ନିଶ୍ଚିତ ଏକ ବଡ଼ ସଫଳତା ପାଇଥାଏ ।



# ଭାରତର ପ୍ରମୁଖ ଡିଜିଟାଲ ୱାଲେଟ୍ସ



ଡକ୍ଟର ତପନ କୁମାର ପାଳ

ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ଲାଇଟ୍ (ଇପିଆଇ ଲାଇଟ) ବ୍ୟବହାରକାରୀମାନେ ନିଜ ଆକାଉଣ୍ଟରେ ଟଙ୍କା ଦେଣନେଣ କାର୍ଯ୍ୟ ସୁବିଧାରେ କରିଥାନ୍ତି। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆଇ) ସର୍କୁଲାର ଅନୁସାରେ ସମସ୍ତ ଅନ୍‌ଲାଇନ୍ ପେମେଣ୍ଟ ସହ ସୁବିଧାଜନକ ବ୍ୟାଙ୍କିଙ୍ଗ ସେବା ଦିଆଯାଉଛି। ଉଲ୍ଲେଖଥାଉକି ୟୁପିଆଇ ଲାଇଟ୍‌କୁ ସୁବିଧାରେ ଛୋଟମୋଟ କାରବାର କରିବା ପାଇଁ ବ୍ୟବହାର କରାଯାଉଛି। କାରବାର ପାଇଁ ଏଥିରେ ଇଣ୍ଟରନେଟ୍‌ର ଆବଶ୍ୟକତା ପଡ଼ି ନଥାଏ। ଭାରତୀୟ ରିର୍ଜଭ ବ୍ୟାଙ୍କ ୟୁପିଆଇ ଲାଇଟ୍ ସହ ଜଡ଼ିତ କାରବାରର ସୀମା ବୃଦ୍ଧି କରିବାକୁ ଯାଇ ଆର୍‌ବିଆଇ ଗୋଟିଏ ୟୁପିଆଇ ଲାଇଟ୍ କାରବାର ସୀମାକୁ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇଛନ୍ତି। ସେହିପରି ୱାଲେଟ୍ ବାଲାନ୍ସ ଲିମିଟ ୨୦୦୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୧ ଅପ୍ରେଲ ୨୦୨୫ରୁ ୟୁପିଆଇ ଲାଇଟ୍ ଉପଭୋକ୍ତାମାନେ




ସେମାନଙ୍କ ୟୁପିଆଇ ଲାଇଟରେ ଥିବା ବଳକା ରାଶିକୁ ସିଧାସଳଖ ସେହି ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିପାରିବେ, ଯେଉଁଠାରୁ ସେମାନେ ୟୁପିଆଇ ଲାଇଟ୍ ଆକାଉଣ୍ଟକୁ ଫଣ୍ଡ ଟ୍ରାନ୍‌ସଫର କରିଥିଲେ। ଆଜିର ସମୟରେ ଆର୍ଥିକ କାରବାର ନିମିତ୍ତ ଦ୍ରୁତ, ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ଆର୍ଥିକ ବ୍ୟବସ୍ଥା ଭାବେ ବିଭିନ୍ନ ଡିଜିଟାଲ ୱାଲେଟ୍ ସ୍ଥାନ ନେଇଛନ୍ତି। ସେହି ସବୁ ପ୍ରମୁଖ ଡିଜିଟାଲ ୱାଲେଟ୍ ଉପରେ ଆଜିର ଆଲୋଚନା।

ଏୟାରଟେଲ୍ ମନି : ଯଦି ଆପଣ ଏୟାରଟେଲ ମନି ଡିଜିଟାଲ ଆପ୍ ବ୍ୟବହାର କରୁଛନ୍ତି, ତେବେ ଆପଣ ଆପଣଙ୍କର ପ୍ରିପେଡ୍ ଏକାଉଣ୍ଟ ଓ ପୋଷ୍ଟପେଡ୍ ଏକାଉଣ୍ଟକୁ ଅତି ସହଜ ଉପାୟରେ ରିଚାର୍ଜ କରିପାରିବେ। ଏହା ଏକ ନିର୍ଭରଯୋଗ୍ୟ ସେବା। ଯଦି ଆପଣଙ୍କର ଡିଜିଟାଲ ୱାଲେଟ୍‌ରେ ପଇସା ନଥାଏ, ତାହେଲେ ୪ଅଙ୍କ ବିଶିଷ୍ଟ ସିକ୍ୟୁରିଟି ପିନ୍‌କୋଡକୁ ବ୍ୟବହାର କରି ଆପଣ କିଣି ପାରିବେ ନିଜ ମନ ପସନ୍ଦର ଜିନିଷ।


ସିଟି ମାଷ୍ଟରପାସ୍ : ସିଟି ମାଷ୍ଟରପାସ୍ ଆପ୍ ଆପଣ ବ୍ୟବହାର କରୁଛନ୍ତି କି ? ଯଦି ନା, ତାହେଲେ ଏବେ ହିଁ ଏହି ଆପ୍‌କୁ ଡାଉନଲୋଡ୍ କରନ୍ତୁ ଏବଂ ଏହାର ଲାଭ ଉଠାନ୍ତୁ। କାରଣ ଏହା ଏକ ଡିଜିଟାଲ ୱାଲେଟ୍ ଆପ୍। ଏହା ଆପଣଙ୍କୁ ଅନ୍‌ଲାଇନ ସପିଂ ସମୟରେ ଦ୍ରୁତଗତିର ସେବା ଯୋଗାଇଥାଏ। ଥରେ ଟଙ୍କା ପଇଠ କରିବା ମାତ୍ରେ ସପିଂର ସମ୍ପୂର୍ଣ୍ଣ ତଥ୍ୟ ଆପଣଙ୍କ ସିଟି ୱାଲେଟକୁ ମିଳିଯାଇଥାଏ। ଯାହାଫଳରେ ମାଷ୍ଟର ବଟମ୍‌କୁ ଦବାଇଲେ ଆପଣ ଅତି ସହଜ ଏବଂ ଯତ୍ନ ସହକାରେ ଆପଣଙ୍କ ସପିଂର ମଜା ଉଠାଇପାରିବେ।

ସିଟ୍ରେସ୍ ପେ : ସିଟ୍ରେସ୍ ପେ ହେଉଛି ଭାରତର ନମ୍ବର-୧ ଇ-ୱାଲେଟ୍। ଯାହା ଖାସ୍‌କରି ବ୍ୟବସାୟିକ ବା ସଂସ୍ଥାମାନଙ୍କ ପାଇଁ ଏକ ଉତ୍ତମ ଆପ୍। ଏହି ଆପ୍ ସାହାଯ୍ୟରେ ବ୍ୟବସାୟିକ ଏବଂ ସଂସ୍ଥାପକ ମାନେ ସେମାନଙ୍କ ଗ୍ରାହକକୁ ଅତି ସହଜ ଏବଂ ସୁବିଧାରେ ଟଙ୍କା ନେଣଦେଣ କରିପାରିବେ। ଏହି ଆପ୍ ପ୍ରାୟ ୮୦୦ ମିଲିୟନ ଗ୍ରାହକଙ୍କୁ ସଂଯୋଗ କରିପାରିବାରେ କ୍ଷମତା ରହିଛି। ଏହି ଆପ୍‌ଟି ନିଶ୍ଚିତ ରୂପେ ଭାରତର ଏକମାତ୍ର ଉତ୍ତମ ମୋବାଇଲ ୱାଲେଟ୍ସ।

ଇଜ୍‌ଟାପ : ଇଜ୍‌ଟାପ ଏକ ଏପରି ଆପ୍ ଯାହାକି ୨୦୧୧ରେ ବାଙ୍ଗାଲୁରୁ ଠାରେ ଉନ୍ମୋଚନ କରାଯାଇଥିଲା। ଏହା ଏକ ପ୍ରକାରର ଇଲେକ୍ଟ୍ରୋନିକ ଆପ୍, ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ପାଉତି ପ୍ରତିବଦଳରେ ଏସ୍‌ଏମ୍‌ଏସ୍ ବା ଇମେଲ ଦ୍ୱାରା ଜଣାଯାଏ।

ଏଚ୍.ଡି.ଏଫ୍.ସି ପେଜାପ୍ ଆପ୍ : ଏହି ଆପ୍‌ଟି ଭାରତରେ ଖୁବ୍ ଜଣାଶୁଣା। ଏହାର ବିଶେଷତ୍ୱ ହେଉଛି ୟୁଜର ଏହି ଆପ୍ ସାହାଯ୍ୟରେ ନିଜ ଡେବିଟ ବା କ୍ରେଡିଟ୍ କାର୍ଡ ସହ ଯୋଡ଼ି ପାରିବେ ଏବଂ ସବୁଠି ପେମେଣ୍ଟ କରିପାରିବେ। ଯେପରି କି ଫ୍ଲାଇଟ ଟିକେଟ, ହୋଟେଲ ଟିକେଟ ବିଲ ପଇଠ କରିବା ଇତ୍ୟାଦି।

ଜିଓମନି : ଜିଓମନି ମଧ୍ୟ ଏକ ଡିଜିଟାଲ ପେମେଣ୍ଟ ଆପ୍ ଯାହା ଜିଓ କମ୍ପାନୀ ଦ୍ୱାରା ୨୦୧୬ରେ ବଜାରକୁ ଆସିଥିଲା। ଏହି ଜିଓ ମନି ଦ୍ୱାରା ଜଣେ ଗ୍ରାହକ ରିହାତି ମୂଲ୍ୟରେ ଆକର୍ଷଣୀୟ ସେବା ପାଇପାରିବେ। ଏଥିପାଇଁ ବ୍ୟବହାରକାରୀମାନେ ବହୁଳ ଭାବରେ ଦୋକାନରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ତେଣୁ କ୍ରୟମାନ ସାଧାରଣ ଅପେକ୍ଷା କ୍ଷିପ୍ର ହୋଇଥିଲା।




ମୋବିକ୍ୱିକ୍ : ମୋବିକ୍ୱିକ୍ ଭାରତର ଗୁରୁଗାଓଁରେ କାର୍ଯ୍ୟକାରୀ ହେଉଥିବା ଇ-ୱାଲେଟ୍ ପ୍ରକ୍ରିୟା। ଏହି ପ୍ରକ୍ରିୟା ବ୍ୟବହାରକାରୀଙ୍କୁ ଟଙ୍କା ଜମା କରିବାରେ ସହାୟକ ହୋଇଥାଏ। ଏହି ସେବା ପ୍ରଥମେ ୨୦୦୯ରେ ବିପିନ ସିଂହ ଏବଂ ଉପାସନା ଟାକୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଡିଜିଟାଲ ୱାଲେଟ୍ ବ୍ୟବହାରକାରୀ ମାନଙ୍କୁ ରିଚାର୍ଜ ବିଲ୍ ପଇଠ ଏବଂ ତୃତୀୟଦଳୀୟ ଅଫିସର କିଣାବିକାରେ ମଧ୍ୟ ଗୋଟିଏ ଟିପ୍‌ରେ ରଖାଯାଇଛି।

ମେମୋ ଏକ୍ସପ୍ରେସ୍ : ଭାରତର ବାଙ୍ଗାଲୁରୁ ଠାରେ ଆରମ୍ଭ ହୋଇଥିବା ଡିଜିଟାଲ ୱାଲେଟ୍ ସେବା ନିଜକୁ ତୀବ୍ରତାର ସହ ଦେଶ ଦୁନିଆରେ ପ୍ରସାର ଲାଭ କରୁଛି ବୋଲି ଏହି ସଂସ୍ଥାର ଦାବି। ବର୍ତ୍ତମାନ ଯାଏ ଏହି ସଂସ୍ଥା କେବଳ ବାଙ୍ଗାଲୁରୁ ଠାରେ ସାହାଯ୍ୟପ୍ରାପ୍ୟ ହୋଇପାରିଛି। ଏବେ ତାଙ୍କ ପାଖରେ ସମାଧାନର ବ୍ୟାପକ ପରିସର ରହିଛି। ଏବେ ବଜାରରେ ଉପଭୋକ୍ତାଙ୍କ ପାଇଁ ଏହି ସେବା ଯୋଗାଇଛନ୍ତି। ରିକ୍ସାଭଡ଼ା ଠାରୁ ଆରମ୍ଭ କରି ସେଲୁନ୍ ଏବଂ ସ୍ପାରେ ଏହି ସେବା ପ୍ରଚଳିତ ହେଉଛି।

ଓଲା ମନି : ୨୦୧୫ରେ ଭାରତରେ ଓଲା ମନିର ଏକ ଡିଜିଟାଲ ଆପ୍ ଉପଲବ୍ଧ କରିଥିଲା। ଯେତେବେଳେ ଏହା ମୁଖ୍ୟତଃ ଯାତ୍ରୀବାହୀ ଭଡ଼ାଗାଡ଼ିରେ ଅର୍ଥ ପରିଶୋଧରେ ବ୍ୟବହୃତ ହେଲା ନଗଦ ଅର୍ଥ ବିହୀନର ସ୍ୱପ୍ନ ସତ ହେଲା। ଏବେ ଆହୁରି ମଧ୍ୟ ସଉଦା କ୍ରୟ ତଥା ବିମାନ ଟିକେଟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟବହୃତ ହେଲା।

ମୋବାଇଲ ମନି : ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରାଧିକୃତ ଏହି ମୋବାଇଲ ମନି ଆପ୍ କିଣାବିକା ଏବଂ ସେବାରେ ପଞ୍ଜିକୃତ ବେପାରୀଙ୍କ ପାଖରୁ ବ୍ୟବହାରକାରୀ



ଦ୍ରବ୍ୟ ସେବା କିଣାରେ ସମର୍ଥ ହେବେ। ଦେଶର ଆଦିବାସୀ ଅଞ୍ଚଳର ଲକ୍ଷାଧିକ ଲୋକଙ୍କ ପାଖରେ ଅନଲାଇନ ଦରମା ସହଜପ୍ରାପ୍ୟ ହୋଇଛି।

ପେଟିଏମ୍ : ବର୍ତ୍ତମାନ ଭାରତରେ ସର୍ବବୃହତ ମୋବାଇଲ ୱାଲେଟ ଆପ୍। ଯାହାଦ୍ୱାରା ସମସ୍ତ ସ୍ଥାନରେ ଟଙ୍କା, ଭଡ଼ା ଗ୍ରହଣଯୋଗ୍ୟ ମୋବାଇଲ ବିଲ୍ ଦେବାଠାରୁ ଆରମ୍ଭ କରି ଫିଲ୍ମ ଟିକେଟ ପର୍ଯ୍ୟନ୍ତ ଏହି ସେବା ଯୋଗାଇ ଦେଇଛି। ଏମିତି କୌଣସି ସେବା ନାହିଁ ଯାହା ପେଟିଏମ୍ ଦ୍ୱାରା ସମ୍ଭବ ନୁହେଁ।

ଷ୍ଟେଟ ବ୍ୟାଙ୍କ ବଡ଼ି : ଭାରତରେ ଷ୍ଟେଟ ବ୍ୟାଙ୍କ ବଡି ଏକ ଅନ୍‌ଲାଇନ ୱାଲେଟ ଆପ୍ ଯାହାକି ଦେଶର ସର୍ବତ୍ର ୧୩ଟି ଭାଷାରେ ଉପଲବ୍ଧ। ବ୍ୟବହାରକର୍ତ୍ତା (ଷ୍ଟେଟ ବ୍ୟାଙ୍କରେ ଖାତା ନଥିବା ଗ୍ରାହକ) ଏହି ଆପର ଉପଯୋଗ ଟଙ୍କା ଉଠାଣ, ପଇଠ, ହୋଟେଲ ଓ ମୁଭି ଟିକେଟ ବୁକ୍ ଆଦି ଫେସବୁକ୍ କିମ୍ବା ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ସାହାଯ୍ୟରେ କରିହେବ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,**
**ଦେଉଳ ସାହି, ତୁଳସୀପୁର, କଟକ,**
**ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଅଚାନକ ମୃତ୍ୟୁ ଓ ହୃଦଘାତ



**ପରିବାର ସହ ହସିଖୁସି କଥା ହେଉଥିଲା ବେଳେ, ସଭାସମିତିରେ ଭାଷଣ ଦେଉଥିଲା ବେଳେ, ଡାଇନିଂ ଟେବୁଲରେ ଚା'ପିଇବା ସମୟରେ ଅଚାନକ ଚେତାଶୂନ୍ୟ ହୋଇପଡ଼ିଯିବା ଏବଂ ପରେ ଆରପାରିକୁ ଚାଲିଯିବାର ଘଟଣା ନିୟମିତ ଦେଖିବାକୁ ମିଳୁଛି। ପୂର୍ବରୁ ଯେ, ଏହା ହେଉ ନଥିଲା ତାହା ନୁହେଁ, ମାତ୍ର ଗତ କିଛି ବର୍ଷ ଧରି ଦେଶରେ ଅଚାନକ ମୃତ୍ୟୁ ସଂଖ୍ୟା ବଢ଼ିବା ଭୟ ସୃଷ୍ଟି ସହ ଚିନ୍ତା ମଧ୍ୟ ବଢ଼ାଇବାରେ ଲାଗିଛି। ଏନ୍‌ସିଆରବି ରିପୋର୍ଟ ଅନୁସାରେ ୨୦୨୩ ବର୍ଷ ତୁଳନାରେ ୨୦୨୪ ବର୍ଷରେ ଅଚାନକ ମୃତ୍ୟୁରେ ୧୨%ର ବୃଦ୍ଧି ଘଟିଛି। ଯାଇଛି ୫୬,୬୫୩ ଜଣଙ୍କର ଜୀବନ। ଅଚାନକ ମୃତ୍ୟୁର କାରଣ ମଧ୍ୟରୁ ୫୭% ହେଉଛି ହୃଦଘାତ। ଅର୍ଥାତ୍ ହୃଦାଘାତ କାରଣରୁ ୨୦୨୪ ବର୍ଷରେ ୩୨୪୫୭ ଜଣଙ୍କର ଜୀବନ ଯାଇଛି। ଭାରତରେ ହୃଦଘାତ କାରଣରୁ ମୃତ୍ୟୁହାର ପ୍ରତି ଏକ ଲକ୍ଷରେ ୨୭୨ ଥିଲାବେଳେ ବିଶ୍ୱ ହାର ହେଉଛି ମାତ୍ର ୨୩୫। କ୍ରମାଗତ ଭାରତରେ ହୃଦଘାତର ବଢ଼ିବା ଚିନ୍ତା ସୃଷ୍ଟି କରୁଥିଲା ବେଳେ ଏହାକୁ ମଧ୍ୟ ଅନେକାଂଶରେ ରୋକାଯାଇପାରିବ।**

ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର


ହୃଦରୋଗ ଖାଲି ସେ ବୟସ ବଢ଼ିବା କାରଣରୁ ହୋଇଥାଏ ତାହା ଭୁଲ। ଛୋଟ ପିଲାମାନେ ମଧ୍ୟ ଏହାର ଶିକାର ହୋଇଥାନ୍ତି। ତେବେ ଚିନ୍ତାର କାରଣ ହେଉଛି କରୋନା କାଳ ପରଠାରୁ ଏହି ମାମଲା ବୃଦ୍ଧି ପାଇଲା। ବିଶେଷଜ୍ଞମାନେ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନେ କରୋନାରେ ସଂକ୍ରମିତ ହୋଇଥିଲେ ସେମାନଙ୍କ କ୍ଷେତ୍ରରେ ହୃଦଘାତ ସମସ୍ୟା ଅଧିକ ରହୁଛି। ତେଣୁ ସେମାନଙ୍କୁ ଅତ୍ୟଧିକ ପରିଶ୍ରମ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଉଛି ଭାରତୀୟ ଆର୍ୟୁବିଜ୍ଞାନ ପରିଷଦ। କରୋନା ସଂକ୍ରମିତଙ୍କୁ ନେଇ ହୋଇଥିବା ଏକ ଯାଞ୍ଚରୁ ଜଣାପଡ଼ିଛି ଯେ, ଯେଉଁମାନେ ସଂକ୍ରମିତ ହୋଇଥିଲେ ସେମାନଙ୍କ ହୃଦୟର ଧମନୀରେ ରକ୍ତ ଜମାଟ ବାନ୍ଧୁଛି। ଯେଉଁ କାରଣରୁ ହୃଦୟକୁ ରକ୍ତ ପମ୍ପିଂରେ ସମସ୍ୟା ହେଉଛି। କରୋନା ଭାଇରସର ସବୁଠୁ ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ରକ୍ତ ଜମାଟ ବାନ୍ଧିବା। ବିଶେଷଜ୍ଞମାନଙ୍କ ସୂଚନା ଅନୁସାରେ ପୂର୍ବରୁ ହୃଦଘାତର ସଂକେତ ମିଳିଥାଏ। ଏହି ସଂକେତ ଗୁଡ଼ିକ ହେଉଛି ଛାତି ଯନ୍ତ୍ରଣା, ଅସ୍ଥିରତା ଅନୁଭବ କରିବା, ଶରୀରର ବାମ ଭାଗରେ ଯନ୍ତ୍ରଣା ହେବା, ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ, ପିଠି, କାନ୍ଧ, ବେକମୁଣ୍ଡାର ପେଟର ଯନ୍ତ୍ରଣା। ତେଣୁ ଏହି ସମସ୍ୟା ଦେଖାଦେଲେ ତୁରନ୍ତ ପରାମର୍ଶ ନେବା ଦରକାର।

ଅଚାନକ ମୃତ୍ୟୁ କେତେବେଳେ କାହାକୁ ହେବ ତାହା କେହି ଜାଣି ନଥାନ୍ତି। ମାତ୍ର ବଦଳୁଥିବା ସାମାଜିକ ଧାରା ଏବଂ ଚାଲିଚଳଣରେ ଆମେ ଆମ ନିଜ ଶରୀରର ଯତ୍ନ ନେବାକୁ ଭଲି ଯାଉଛୁ। ଭଲ ସାର୍ଟ ପ୍ୟାଣ୍ଟ, ଘର, ଗାଡ଼ି, ସୁନାଗହଣାକୁ ଗୁରୁତ୍ୱ ଦେଉଥିଲା ବେଳେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କଥାକୁ ଅଣଦେଖା କରୁଛନ୍ତି। ପାଟି ସୁଆଦ ପାଇଁ ରାଗ ମସଲା ଠାରୁ ଆରମ୍ଭ କରି ଏପରି ଖାଦ୍ୟ ଖାଉଛେ ଯାହା ଧିରେ ଧିରେ ଶରୀରରେ ସମସ୍ୟା ସୃଷ୍ଟି କରୁଛି। ଆଉ ଯେତେବେଳେ ଶରୀର ଅସହ୍ୟ ହେଉଛି ସେତେବେଳେ ଯାଉଛେ ଡାକ୍ତରଙ୍କ ନିକଟକୁ। ଦିନ ଥିଲା ଏହି ଚିକିତ୍ସା ବେଶ ବ୍ୟୟବହୁଳ ହେଉଥିବାରୁ ଅନେକଙ୍କ ପାଇଁ ଡାକ୍ତରଖାନା ଯିବା ସହଜ ହେଉନଥିଲା। ହେଲେ ଏବେ ପ୍ରତି ଡାକ୍ତରଖାନାରେ ହୃଦଘାତର ତ୍ୱରିତ ଚିକିତ୍ସା ପାଇଁ ବ୍ୟବସ୍ଥା ରହିଛି। ହୃଦଘାତ ସମସ୍ୟାକୁ ନେଇ ସଚେତନ ରହିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ସମସ୍ତେ ବିଭିନ୍ନ କାର୍ଯ୍ୟକ୍ରମ, କର୍ମଶାଳାର ଆୟୋଜନ କରୁଛନ୍ତି। ହେଲେ ଲୋକେ ତଥାପି ସଚେତନ ହେଉନାହାଁନ୍ତି। ଏନ୍‌ସିଆରବି ରିପୋର୍ଟ ଯେଉଁ ସୂଚନା ଦେଉଛି ତାହା ନିହାତି ଭାବେ ଭୟଙ୍କର। ହେଲେ ଏହାକୁ ମଧ୍ୟ ରୋକାଯାଇପାରିବ। ଡାକ୍ତରଙ୍କ ଭୂମିକା ଅପେକ୍ଷା ଗୁରୁତ୍ୱ ହେଉଛି ଆମ ମାନଙ୍କର ବ୍ୟକ୍ତିଗତ ଦାୟିତ୍ୱବୋଧ। ସବୁ ଜାଣି ମଧ୍ୟ ଆମେ ଆମ ଶରୀରକୁ ନିର୍ଯ୍ୟାତନା ଦେଇ ଚାଲିଛେ। ଟଙ୍କା ଉପାର୍ଜନ, ଚାକିରି ବୋଝ, ପରିବାର ଦାୟିତ୍ୱ ଭିତରେ ଶରୀରକୁ ଯେଭଳି ଭାବେ ବିଶ୍ରାମ ଦେବା କଥା ତା ମଧ୍ୟ ଦେଉନାହେଁ। ଫଳରେ ଦିନକୁ ଦିନ ଶରୀରର ଯନ୍ତ୍ରାଂଶ ଦୁର୍ବଳ ହେବାରେ ଲାଗିଛି। ତେଣୁ ସବୁ ଦାୟିତ୍ୱ ଭିତରେ ମଧ୍ୟ ଆମକୁ ଆମର ଓ ଆମ ପରିବାରର ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଅଧିକ ଦୃଷ୍ଟି ଦେବାକୁ ପଡ଼ିବ। ନଚେତ କେତେବେଳେ ଯେ ପରିବାରରେ ଶୋକ ପରିବେଶ ସୃଷ୍ଟି ହେବ ତାହା କେହି କହିପାରିବେ ନାହିଁ।





**ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୨୭୭୮୬୪**



ମହକ



# ସମାଜସେବାରେ ସୁବାସିତ ସୁଗନ୍ଧରାଜ : ବିଶିଷ୍ଟ ସମାଜସେବୀ ସୁବାସ ଚନ୍ଦ୍ର ସାହୁ

ଦେଶ ଜାତିର ସେବା, ତ୍ୟାଗ ଆଉ ଶୋଭନୀୟ ଚିନ୍ତା ଚେତନାକୁ ଭାବିଲେ କଲେ ଆମେ ନିଷ୍କର୍ଷ ପାଇବା ସେହି ପୂଜ୍ୟପାଦ ବରେଣ୍ୟ ମହାପୁରୁଷଙ୍କ ଆଦର୍ଶ ଆଉ ସାଧନା, ନିଃସ୍ୱାର୍ଥପର ସେବାର ଅମୃତ ମାନବୀୟ ଝଙ୍କାର। ସେଦିନ ନିଜ ପୁଅର ଜ୍ୱର ସତ୍ତ୍ୱେ ପୂଜ୍ୟପାଦ ଗୋପବନ୍ଧୁ କଥାରେ ସମଗ୍ର ପୀଡ଼ିତ ଜନତାଙ୍କ ସ୍ୱାର୍ଥ ନେଇ ଚାଲିଥିଲେ ଯେଉଁ ସେବାରେ କୌଣସି ମୂଲ୍ୟାଙ୍କନ ନାହିଁ ବା ସେହି ସମର୍ପଣ ଭାବ ଅବର୍ଣ୍ଣନୀୟ ଯାହା ଆମ ସ୍ୱାଭିମାନୀ ଓଡ଼ିଆ ମାଟିର ଶ୍ରେଷ୍ଠ ସନ୍ତକ। ସେହି ମହତ୍ କାର୍ଯ୍ୟର ଅନନ୍ୟ ଆଦର୍ଶର ଚିନ୍ତା ଚେତନାରେ ସମର୍ପିତ ବାସ୍ତବ ଜନସେବକ, ପ୍ରତିଭାଧର, ସ୍ୱୟଂସେବକ, ମାଟି ମନସ୍କ, ଅହଙ୍କାର ବିବର୍ଜିତ ମାନବ, ସଜ୍ଜନଶୀଳ ବଳିଷ୍ଠ ବ୍ୟକ୍ତିତ୍ୱ, ସକାରାତ୍ମକ ମାନସିକତା ବିଜଡ଼ିତ ସାରସ୍ୱତ ସାଧକ, ମଣିଷକୁ ଭଲ ପାଉଥିବା ଦରଦୀ ପ୍ରାଣ ତଥା ବିଶିଷ୍ଟ ସମାଜସେବୀ ସୁବାସ ଚନ୍ଦ୍ର ସାହୁ ଏକ ଉଦାହରଣୀୟ ବ୍ୟକ୍ତିତ୍ୱ। କଟକ ଜିଲ୍ଲା ସାଲେପୁର ବ୍ଲକ ସୁଦଖଣ୍ଡ ପଞ୍ଚାୟତ ଉପକଣ୍ଠ କୂଳ ସମିତଙ୍ଗା ଗ୍ରାମରେ ପିତା ଗାନ୍ଧୀବାଦୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ସାହୁ ଓ ମାତା ଧର୍ମପ୍ରାଣା ସ୍ୱର୍ଗତା ନିଶାମଣି ଦେବୀଙ୍କ ସୁପୁତ୍ର ୧୯୬୮ ମସିହାର ଜନ୍ମ ଗ୍ରହଣ କରିଥିଲେ। ନିଜ ଗାଁ ସ୍କୁଲ କୂଳ ସମିତଙ୍ଗା ଉ.ପ୍ରା. ବିଦ୍ୟାଳୟରୁ ଶିକ୍ଷାଲାଭ ଆରମ୍ଭ କରି ସୁରେନ୍ଦ୍ର ନାଥ ବିଦ୍ୟାପୀଠ ଉଦୟପୁରରୁ ମାଟ୍ରିକ, କିଶନନଗର କଲେଜରୁ ଯୁକ୍ତଦୁଇ କଳା ଆଦି ଶିକ୍ଷା ଲାଭ କରିଛନ୍ତି। କିନ୍ତୁ ସେବା ତାଙ୍କ ପ୍ରାଣର ସ୍ପନ୍ଦନ ଆଉ ମହନୀୟ ଭାବନାର ଅନନ୍ୟ ସ୍ୱାକ୍ଷର । ଯୁକ୍ତ ଦୁଇ ପାଠ୍ୟକ୍ରମ ସମୟରୁ ସେ ସମାଜସେବାରେ ବ୍ରତୀ। ଶିକ୍ଷାଲାଭ ପରେ କିଛିଦିନ ମହାଲକ୍ଷ୍ମୀ ତନ୍ତୁ ସମବାୟ ସମିତିର ସଂପାଦକ ଦାୟିତ୍ୱରେ ଥିଲେ, ଯେଉଁ ସମିତି ବୁଣାକାର ମାନଙ୍କୁ ରୋଜଗାରକ୍ଷମ କରାଇବା ସହ ରାଜ୍ୟରେ ସମବାୟ ଆନ୍ଦୋଳନଙ୍କୁ ଆହୁରି ଲୋକାଭିମୁଖୀ କରିବାର ସହାୟତାରେ ମହତ୍ ଲକ୍ଷ୍ୟ ନେଇ ସେହି ଅଞ୍ଚଳରେ ୧୯୭୯ ମସିହାରେ ପ୍ରତିଷ୍ଠା ଲାଭ କରିଥିଲା। ଏହି ସମିତିକୁ ପ୍ରତିଷ୍ଠା କରିବାର ସୁଭାଷଙ୍କ ପିତାଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ବିଧାୟକ ଗୁରୁପଦ ନନ୍ଦଙ୍କ ପ୍ରଚେଷ୍ଟାରେ ଗଠିତ ହୋଇଥିବା କଟକ ଜିଲ୍ଲା କିଶନନଗର ଥାନା ରଟିଲୋ ପଞ୍ଚାୟତ ଅନ୍ତର୍ଗତ ବୋଇଲୋ ସ୍ଥିତ ସ୍ୱପ୍ନେଶ୍ୱର ବାଳାଶ୍ରମର ମୁଖ୍ୟ ପରିଚାଳକ ଭାବେ ସେ ଦାୟିତ୍ୱ ଗ୍ରହଣ ସହ ବହୁବିଧ ସେବାରେ ପୂର୍ଣ୍ଣ ସମର୍ପିତ ମହାନ୍ ବ୍ୟକ୍ତିତ୍ୱ। ଆଶ୍ରମ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ, ସେମାନଙ୍କୁ ଆଗକୁ ନେବା ସହିତ ବିକଶିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଆଦି ଅନେକ ଉନ୍ନତି ମୂଳକ କାର୍ଯ୍ୟ କରି ଚାଲିଛନ୍ତି ଯାହାର ପଟ୍ଟାନ୍ତର ନାହିଁ। ସେ ଆଶ୍ରମରେ ବିଭିନ୍ନ ପର୍ବପର୍ବାଣୀ ପାଳନ, ପିଲା ମାନଙ୍କ ପ୍ରତିଭାର ବିକାଶ ନେଇ ଅନେକ ପ୍ରତିଯୋଗିତା ଆୟୋଜନ କରିବା, ବିଭିନ୍ନ ସଙ୍ଗଠନ ମାନଙ୍କ ସହ ସମ୍ପର୍କ ସ୍ଥାପନ ପୂର୍ବକ ବହୁ ଉଚ୍ଚାଙ୍ଗ ବ୍ୟକ୍ତି ବିଶେଷ ମାନଙ୍କୁ ନିମନ୍ତ୍ରିତ କରି ସେଠାରେ ଆଲୋଚନା ଚକ୍ର ଆଦି ଅନେକ ଶିଶୁ ମଙ୍ଗଳ କାର୍ଯ୍ୟ କରି ଆଜି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସୂଚନାଯୋଗ୍ୟ ଏହି ବାଳାଶ୍ରମର ଯେଉଁ ପିଲାମାନେ ଭଲ ପଢୁଛନ୍ତି ସେମାନଙ୍କୁ ଉପଯୁକ୍ତ ସ୍କୁଲ ବ୍ୟବସ୍ଥା କରାଯିବ ସହ ସେମାନଙ୍କ ପ୍ରତିଭାର ବିକାଶ ଦିଗରେ ଖୁବ୍ ଗୁରୁତ୍ୱ ଦିଆଯାଏ। ପିଲାମାନଙ୍କୁ ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣ କରାଇବା ସହ ଇତିହାସ ସଂସ୍କୃତି ପୂଜ୍ୟପୂଜା ଉପରେ ମାର୍ଗଦର୍ଶନ କରାଇବା ଆଦି ଅନେକ ଗଠନ ମୂଳକ ପଦକ୍ଷେପ ନିଆ ଯାଇଥାଏ, ଯାହାକି ଏହି ମହତ୍ କାର୍ଯ୍ୟ ସୁବାଷ ଜୀ ଓ ତାଙ୍କ ସହଯୋଗୀ ମାନେ ଖୁବ୍ ଧୈର୍ଯ୍ୟ, ଶ୍ରଦ୍ଧା ଓ ଯତ୍ନର ସହ କରିଥାନ୍ତି । ଆଜି ମଧ୍ୟ ଏହାର ସଫଳତା ରୂପାୟନ ସ୍ୱରୂପ ବହୁ ଅନ୍ତେବାସୀ ଭଲ ମଣିଷ ହେବା ସହ ଖୁବ୍ ଉଚ୍ଚ ପଦପଦବୀରେ ଉପନୀତ । ନିଜ ଅଂଚଳରେ ରୋଗୀଙ୍କୁ ସେବା ପ୍ରଦାନ, ଚିକିତ୍ସା ବିଷୟରେ ମାର୍ଗ ଦର୍ଶନ କରାଇବା, ରକ୍ତଦାନ ଶିବିର ଆୟୋଜନ, ସାଧାରଣ ଜନତାଙ୍କ ସେବା, କମ୍ବଳ ବଣ୍ଟନ, ଖାଦ୍ୟ ବଣ୍ଟନ, ସଂସ୍କୃତି ଜାଗରଣ, ପରିବେଶ ସୁରକ୍ଷା ଆଦି ବହୁ ସେବାକାର୍ଯ୍ୟରେ ସେ ସାମିଲ ହୁଅନ୍ତି । ସେବା ଦିଗରେ ତାଙ୍କ ସାଧନାର ସଫଳତା ନେଇ ସେ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ସୋଗଲ, ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ ଓଡ଼ିଶା, ପ୍ରତିଭା ବିକାଶ ପ୍ରତିଷ୍ଠାନ କଟକ ସଦର, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା, ସରସ୍ୱତୀ କଳା ପରିଷଦ କନ୍ଦରପୁର, କିଶନନଗର ଶିଶୁ ମଙ୍ଗଳ କ୍ଲବ, ଲୋକଭାଷା ପାକ୍ଷିକ ଖବର କାଗଜ ଏବଂ ଏଥିସହ ରାଜ୍ୟର ବିଭିନ୍ନ ସଂଗଠନ ପକ୍ଷରୁ ଅନେକ ମର୍ଯ୍ୟାଦା ଜଣକ ସମ୍ମାନ ଲାଭ କରିଛନ୍ତି ଯାହାକି ସେହି ଅଂଚଳ ପାଇଁ ଗର୍ବ ଓ ଗୌରବର ପରିଭାଷା । ଶିକ୍ଷାର ବିକାଶ ଲକ୍ଷ୍ୟନେଇ ସେ ବିଭିନ୍ନ ବସ୍ତି ଅଞ୍ଚଳର କିମ୍ବା ଅବହେଳିତ ପିଲା ମାନଙ୍କୁ ଏଥିସହ ବାଳାଶ୍ରମର ପିଲା ମାନଙ୍କୁ ଶିକ୍ଷାଦାନ କରାଇବା ସେମାନଙ୍କୁ ସମାଜର ବିକଶିତ ଧାରାର ମୁଖ୍ୟ ସ୍ରୋତରେ ସାମିଲ କରିବା ଆଦି ଅନେକ ଗଠନ ମୂଳକ ସମାଜ ବିକାଶ କାର୍ଯ୍ୟର ଜଣେ ସୃଜନଶୀଳ ସ୍ରଷ୍ଟା । କହିବାକୁ ଗଲେ ସୁବାସ ବାବୁ ଜଣେ ତ୍ୟାଗପୂତ ଜୀବନର ଅମ୍ଳାନ ବ୍ୟକ୍ତିତ୍ୱ, ତାଙ୍କ ମହନୀୟ ନିଃସ୍ୱାର୍ଥପର ଜୀବନୀ ରାଜ୍ୟ ପାଇଁ ନବଚେତନା।

## କବିବର ରାଧାନାଥ

# ‘ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ.....’

ଇନ୍ଦୁଭୂଷଣ ଭୂୟାଁ

ଊନ୍ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ବିଶେଷ ଭାବେ ଅନୁପ୍ରାଣିତ ହୋଇ ଯେଉଁ ଓଡ଼ିଆ ଲେଖକମାନେ ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି କରିବା ପାଇଁ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ କବିବର ରାଧାନାଥ ରାୟ ଅଗ୍ରଗଣ୍ୟ। କେହି କେହି ତାଙ୍କୁ ରୀତି ଯୁଗର ଶେଷ ସେନାପତି କହିଥାଆନ୍ତି। ତେବେ, ଏହା ମଧ୍ୟ ସମସ୍ତେ ସ୍ୱୀକାର କରନ୍ତି ଯେ, ସେ ପ୍ରାଚୀନ କାବ୍ୟ ସାହିତ୍ୟ ପରମ୍ପରାକୁ ବିଦାୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନବ ସାହିତ୍ୟର ନେତୃତ୍ୱ ନେଇଥିଲେ, ପାଲଟିଥିଲେ ପରବର୍ତ୍ତୀ କବି/କବୀମାନଙ୍କର ପ୍ରେରଣାର ଉତ୍ସ। ତେଣୁ, ଯୁଗପ୍ରବର୍ତ୍ତକ ରାଧାନାଥଙ୍କୁ କବିବର କୁହାଯାଏ। ସେ ପ୍ରଥମେ ବାଙ୍ଗ୍ଲା ଭାଷାରେ କବିତା ଲେଖୁଥିଲେ। ତାଙ୍କ ସମୟରେ କେବଳ ଫକୀରମୋହନ ସେନାପତି ହିଁ ଓଡ଼ିଆରେ ଲେଖାଲେଖି କରୁଥିଲେ। ଏହା ଓଡ଼ିଶା ତଥା ଓଡ଼ିଆଙ୍କ ଶୁଭଚିନ୍ତକ ବ୍ରିଟିସ ପ୍ରଶାସକ ଜନ୍ ବିମସ୍ଙ୍କ ଦୃଷ୍ଟିକୁ ଆସୁଥାଏ। ସେ ଦିନେ ଚିନ୍ତିତ ହୋଇ ରାଧାନାଥଙ୍କୁ ମନର ବେଦନା ଜଣାଇଲେ। ଓଡ଼ିଆ ଭାଷାରେ ସାହିତ୍ୟ ସୃଷ୍ଟି ନିମନ୍ତେ ଉପଦେଶ ଦେଲେ। ଆଉ ରାଧାନାଥ ତାଙ୍କ କଥା ରଖିବାରୁ ଆମ ସାହିତ୍ୟରେ ଏକ ନବ ଯୁଗ ଆରମ୍ଭ ହେଲା ଏବଂ ଆମ୍ଭେ ପାଇଲେ, କେଦାରଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶରୀ, ଉଷା, ପାର୍ବତୀ, ଚିଲିକା, ମହାଯାତ୍ରା, ଭଳି ମହାକାବ୍ୟ। ତାଙ୍କର ପ୍ରଥମ ଗଦ୍ୟ ବିବେକୀ ୧୮୭୩ରେ ଉତ୍କଳ ଦର୍ପଣରେ ପ୍ରକାଶିତ ହୋଇଥିଲା। ଏହା ମଧ୍ୟ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ ରଚନା। ୧୮୮୫ରେ ରଚିତ କେଦାରଗୌରୀ ତାଙ୍କର ପ୍ରଥମ କାବ୍ୟ। ଉଲ୍ଲେଖଯୋଗ୍ୟ ଯେ, ପ୍ରସିଦ୍ଧ ବାଙ୍ଗ୍ଲା କବି ଭୂଦେବ ମୁଖୋପାଧ୍ୟାୟଙ୍କ ପରାମର୍ଶ କ୍ରମେ ରାଧାନାଥ ଗଦ୍ୟ ରଚନାକୁ ଗୁରୁତ୍ୱ ନ ଦେଇ କାବ୍ୟ ରଚନାକୁ ଗୁରୁତ୍ୱ ନ ଦେଇ କାବ୍ୟ ସୃଷ୍ଟିରେ ମନଦେଇଥିଲେ। ଦରବାର ତାଙ୍କ ଦ୍ୱାରା ରଚିତ ଏକ ବ୍ୟଙ୍ଗାତ୍ମକ କାବ୍ୟ। ସାମସମୟିକ ରାଜା, ଜମିଦାର, ଧନିକଙ୍କୁ ଉପହାସ କରିବା ପାଇଁ ସେ ଏହା ରଚନା କରିଥିଲେ। ତାଙ୍କ ଭିଣୋଇ ଗୋବିନ୍ଦବଲ୍ଲଭ ରାୟ ଥିଲେ କାଉପୁର ଜମିଦାର। ଏହାଙ୍କୁ ବାରବାଟୀ ଦୁର୍ଗ ପରିସରରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ରାୟବାହାଦୁର ଉପାଧି ପ୍ରଦାନ କରାଯାଇଥିଲା। ରାଧାନାଥ ତାଙ୍କୁ ପରିହାସ କରିବା ପାଇଁ ଦରବାର ରଚନା କରିଥିବା କେତେକ ଗବେଷକ ମତ ଦିଅନ୍ତି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରକାଶିତ ଓଡ଼ିଆ ଲେଖକ ପରିଚୟ ପୁସ୍ତକ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୧୯୦୫ ଅପ୍ରିଲ ୧୭ ତାରିଖରେ ତାଙ୍କର ପରଲୋକ ହୋଇଥିଲା।

ରାଧାନାଥଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ କାଳଜୟୀ। ଚିଲିକା କାବ୍ୟରେ ଅସ୍ତାୟମାନ ସୂର୍ଯ୍ୟ ଓ ଉଦୀୟମାନ ଚନ୍ଦ୍ରର ଯେଉଁ ପ୍ରାଣସ୍ପର୍ଶୀ ବର୍ଣ୍ଣନା ସେ ପ୍ରଦାନ କରିଛନ୍ତି ତାହାକୁ ଲକ୍ଷ୍ୟ କରି ପାଠକ ଚମତ୍କୃତ ହୁଏ। ‘ଏଣେ କରେ ବୋଳି ଅମର-ସରଣୀ, ବିରାଜନ୍ତି ଚନ୍ଦ୍ରଚୂଡ଼-ଚୂଡ଼ାମଣି, ତାରାଟିଏ ରାଜି ତରାପତି ପାଶେ, ବେନିଏ କରନ୍ତି ରାଜ୍ୟ ଅର୍ଦ୍ଧାକାଶେ, ବାଳ-ଜ୍ୟୋତ୍ସ୍ନା-ଯୋଗେ ଧୌତ ପୌରନ୍ଦରୀ, ହିମରାଜ ମୁଖେ ବୋଳି ହେଲାପରି, ଯେଝା ରୂପ-ଶୋଭା ବିପରୀତେ ବସି, ଦେଖାନ୍ତି ଗରବେ ପ୍ରାଚୀ ପ୍ରାଚେତସୀ, ଚନ୍ଦ୍ରାଲୋକେ ଧୌତ ପୂର୍ବାକାଶ, ପୁନଃ, ବାରୁଣୀ ଆକାଶ କୁଙ୍କୁମେ ଅରୁଣ, ପ୍ରାୟେ ଦିଶେ ଚିତ୍ର ବ୍ୟୋମର ମୂରତି, ଦିଗ୍‌ବଳୟ ବ୍ୟାପି ନୀଳ ଜଳାରଣ୍ୟେ, ରଞ୍ଜିଲା ଚନ୍ଦ୍ରିକା ନିଜ ଶୁଭ୍ର ବର୍ଣ୍ଣେ।’ କବି କଳ୍ପନାପ୍ରବଣ ହୋଇ ମାନସ ରାଜ୍ୟରେ ବିଚରଣ କଲେ ମଧ୍ୟ ସେ ସ୍ୱଭାବତଃ ସମସାମୟିକ ପାଠକମାନଙ୍କର ପ୍ରଶଂସା ଓ କଟୁ ମନ୍ତବ୍ୟପ୍ରତି ସମ୍ପୂର୍ଣ୍ଣଭାବରେ ଅବଚେତନ ରହିପାରେ ନାହିଁ। ପାର୍ବତୀ କାବ୍ୟରେ ପାଶ୍ଚାତ୍ୟ ଚିନ୍ତାଧାରାର ଇନ୍ଦ୍ରିୟ ପ୍ରବଣତା ଓ ବିକୃତି ପ୍ରକାଶିତ ହେବାଫଳରେ ପାଠକମାନଙ୍କର ତାହା କଟୁ ମନ୍ତବ୍ୟର ଶିକାର ହୋଇଥିଲା। ଫଳତଃ ରାଧାନାଥ ପାର୍ବତୀ କାବ୍ୟକୁ ସମ୍ପୂର୍ଣ୍ଣ କରିପାରି ନଥିଲେ। ମାତ୍ର ଏହା ସୁନିଶ୍ଚିତ ଯେ କବିଙ୍କର ଅନନ୍ୟ ସାଧାରଣ ପ୍ରତିଭା ଏବେ ବି ବହୁ କଣ୍ଠରେ ଗୀତ ହୁଏ। ସେହି ପାର୍ବତୀ କାବ୍ୟ ସାର୍ବଜନୀନ ସତ୍ୟ ସମ୍ପର୍କରେ ସ୍ୱର ଉତ୍ତୋଳନ କରିଥିବା ଗୋଟିଏ ପଦ ବହୁ କଣ୍ଠରେ ଉଚ୍ଚାରିତ ହୁଏ। ‘କେହି ରହି ନାହିଁ ରହିବ ନାହିଁଟି, ଭବ-ରଙ୍ଗ-ଭୂମି-ତଳେ, ସର୍ବେ ନିଜ ନିଜ ଅଭିନୟ ସାରି, ବାହୁଡ଼ିବେ କାଳବଳେ।’

ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର

## ଏହି ସପ୍ତାହ, ସେହି ବର୍ଷ (ଏପ୍ରିଲ୍ ୧୩-୧୯)

### ଏଇ ସପ୍ତାହ

ଏପ୍ରିଲ୍ ୧୩, ୧୬୪୮- ଲାଲ୍ କିଲ୍ଲାର ନିର୍ମାଣ ପୂରା ହୋଇଥିଲା।



ଏପ୍ରିଲ୍ ୧୪, ୧୯୯୫-ଭାରତ ଚତୁର୍ଥ ଥର ଏସିଆ କ୍ରିକେଟ୍ ଚାମ୍ପିଅନ୍ ହୋଇଥିଲା।



ଏପ୍ରିଲ୍ ୧୫, ୧୮୧୭- ଆମେରିକାରେ ବଧିର ପିଲାମାନଙ୍କ ପାଇଁ ପ୍ରଥମ ସ୍କୁଲ୍ ଖୋଲାଗଲା।




ଏପ୍ରିଲ୍ ୧୬, ୨୦୦୮-ଲଣ୍ଡନ ଠାରେ ଗାନ୍ଧିଜୀଙ୍କର ପ୍ରତିମାର ଅନାବରଣ ହୋଇଥିଲା।




ଏପ୍ରିଲ୍ ୧୭, ୧୯୮୨-କାନାଡ଼ା ସମ୍ବିଧାନକୁ ଆପଣାଇଥିଲା।




ଏପ୍ରିଲ୍ ୧୮, ୧୯୯୧-କେରଳ, ଦେଶର ପୂର୍ଣ୍ଣ ସାକ୍ଷର ରାଜ୍ୟ ଘୋଷିତ ହୋଇଥିଲା।



ଏପ୍ରିଲ୍ ୧୯, ୧୭୭୫- ଆମେରିକା କ୍ରାନ୍ତିର ଆରମ୍ଭ ହୋଇଥିଲା।





# ପଞ୍ଚ ବଦନାୟ ନମୋ ନମଃ...

ପୁଷ୍ପମିତ୍ର ମହାପାତ୍ର

**‘ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଞ୍ଚ ବଦନାୟ ନମୋ ନମଃ....’**

କଳି ଯୁଗରେ ମହାପ୍ରଭୁ ଶ୍ରୀ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ସମସ୍ତେ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି। ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି। ସେହିପରି ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି। ସେହିପରି କଲ୍‌କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ। ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା’ ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ। ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ। ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି। ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଞ୍ଚମୁଖ ଥିବାର ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ। ରାମାୟଣରେ ବର୍ଣ୍ଣିତ ରହିଛି ଯେ, ଅହି ରାବଣ ସମ୍ମୁଖରେ ବୀର ଶ୍ରୀ ହନୁମାନ ରୁଦ୍ରଙ୍କର ଭୟଙ୍କର ପ୍ରଳୟ ରୂପ ପଞ୍ଚମୁଖ ନେଇ ଆର୍ବିଭୂତ ହୋଇଥିଲେ ଓ ତା’ର ବିନାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତଳପୁରରୁ ଉଦ୍ଧାର କରିଥିଲେ। କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରାଧନା କରିଥାନ୍ତି। ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ। ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା’ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ। କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ। ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ।

ବୀର ହନୁମାନଙ୍କର ପଞ୍ଚମୁଖର ପ୍ରଥମଟି ହେଉଛି କପିମୁଖ। କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ। ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଷଦଭାବରେ ବର୍ଣ୍ଣନା କରାଯାଇଛି। ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ। ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସହ ସୁଗ୍ରୀବଙ୍କ ସାକ୍ଷାତ ଓ ବନ୍ଧୁତାର ସୂତ୍ରଧର ଥିଲେ ବୀର ହନୁମାନ। ସର୍ବପ୍ରଥମେ ଲଙ୍କାରେ ସେ ହିଁ ପ୍ରବେଶ କରିଥିଲେ। ଅସୁରମାନଙ୍କୁ ଭୟ ଦେଖାଇ ଅଶୋକ ବନରେ ମା’ସୀତାଙ୍କ ସନ୍ଧାନ ପାଇଥିଲେ। କେବଳ ସେତିକି ନୁହେଁ ବିଭୀଷଣଙ୍କ ସହ ମିତ୍ରତାର ସୂତ୍ରଧର ସହ ମାୟାପୁରୀ ଲଙ୍କାକୁ ଜାଳିପୋଡ଼ି ଧ୍ୱଂସ କରିଦେଇଥିଲେ। ନାଗଫାଶରେ ବନ୍ଧା ରାମ ଓ ଲକ୍ଷ୍ମଣଙ୍କୁ ବନ୍ଧନମୁକ୍ତ ପାଇଁ ଗରୁଡ଼ଙ୍କୁ ଆଣିବା ସହ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ଗନ୍ଧମାର୍ଦ୍ଦନଙ୍କୁ ଉଠାଇ ଆଣିଥିଲେ ତେଣୁ ଶାସ୍ତ୍ରରେ ଶ୍ରୀରାମଙ୍କ ଶ୍ରେଷ୍ଠ ସେବକ ଭାବେ ହନୁମାନଙ୍କ ସ୍ଥାନ ବର୍ଣ୍ଣନା ରହିଛି। କପିମୁଖ ହନୁମାନଙ୍କ ପୂଜା ଆରଧନା ଦ୍ୱାରା ଜଣଙ୍କ ସମସ୍ତ ଦୁଃଖ, କ୍ଳେଶ, ଚିନ୍ତା, ଅଭାବ ଓ ସମସ୍ତ ସଙ୍କଟ ଦୂର ହୋଇଥାଏ। ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ। ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ। ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ। ସମସ୍ତ ପ୍ରକାର ଭୟ, ଜଣଙ୍କ ଉପରେ ପଡ଼ିଥିବା କୁଶକ୍ତି ଓ ସବୁ ବିପଦରୁ କେବଳ ଜଣକୁ ନୁହେଁ ତା’ର ପରିବାରକୁ ମୁକ୍ତ କରି ଘରର ଅଶୁଭ ଦୋଷ ଖଣ୍ଡନ କରିଥାଏ। ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ। ଏହା ସକଳ ବିଘ୍ନ ନିବାରକ ମଧ୍ୟ। ଏହି ଗରୁଡ଼ମୁଖଙ୍କୁ ପୂଜା କଲେ ବ୍ୟକ୍ତି ଓ ପରିବାରର ସମସ୍ତ ବିଘ୍ନ ଦୂର ହୋଇଥାଏ। ବରାହ ମୁଖ ହେଉଛି ବୀର ହନୁମାନଙ୍କର ସର୍ବଗ୍ରହ ଶାନ୍ତି କାରକ ଶକ୍ତି।

କୁହାଯାଏ ଯେ, ସମସ୍ତ ଗ୍ରହର ପ୍ରତିନିଧି ହେଉଛନ୍ତି ବୀର ହନୁମାନ। ତେଣୁ ନବଗ୍ରହଙ୍କ ପ୍ରତିନିଧି ଦେବତା ଭାବେ ହନୁମାନଙ୍କୁ ବିଶ୍ୱାସ କରାଯାଏ। ବୀର ହନୁମାନ ହେଉଛନ୍ତି ରବିଙ୍କର ତେଜ ଓ ନେତୃତ୍ୱର ପ୍ରତୀକ, ସେହିପରି ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ, ନିର୍ମଳ ମନ ଓ ଭକ୍ତିର ପ୍ରତୀକ। ମଙ୍ଗଳଙ୍କ ବୀରତ୍ୱ ଓ ଉଗ୍ରତ୍ୱର ପ୍ରତୀକ, ବୁଦ୍ଧଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରତୀକ। ବୃହସ୍ପତିଙ୍କ ବିଦ୍ୟା, ସମ୍ମାନ ଓ ଯଶର ପ୍ରତୀକ। ଶୁକ୍ରଙ୍କର ଐଶ୍ୱର୍ଯ୍ୟ ଓ କଳାର ପ୍ରତୀକ। ଶନିଙ୍କର କଠୋରତାର ପ୍ରତୀକ, ରାହୁଙ୍କ ପ୍ରଚଣ୍ଡତ୍ୱର ପ୍ରତୀକ ଓ କେତୁଙ୍କ ମାୟାର ପ୍ରତୀକ। ତେଣୁ ବୀର ହନୁମାନ ହେଉଛନ୍ତି ନବଗ୍ରହ ସ୍ୱରୂପ। ଏଣୁ ବିଶ୍ୱାସ ରହିଛି ଗରୁଡ଼ ମୁଖ ହନୁମାନଙ୍କୁ ପୂଜାକଲେ ନବଗ୍ରହଙ୍କ ବର, ଆଶୀର୍ବାଦ ଓ ଶୁଭଫଳ ନିଶ୍ଚିନ୍ତ ଭାବରେ ପ୍ରାପ୍ତ ହୋଇଥାଏ। ଅଶ୍ୱ ବା ହୟଗ୍ରୀବ ମୁଖ ହେଉଛି ଅନୁକୂଳ ପରିସ୍ଥିତି ସୃଷ୍ଟିକାରୀ କୃପା ଆଶୀର୍ବାଦର ପ୍ରତୀକ। ଜଣେ ଏହି କୃପାପ୍ରାପ୍ତ ହୋଇ ବୀର ହନୁମାନଙ୍କ ଆଶୀର୍ବାଦରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରିୟପାତ୍ର ହୋଇଥାଏ। ଲୋକବିଶ୍ୱାସ ରହିଛି ପଞ୍ଚମୁଖୀ ହନୁମାନଙ୍କୁ ଗୃହ ସମ୍ମୁଖରେ ରଖି ଭକ୍ତି ଓ ପୂଜା ବିଶ୍ୱାସର ସହ ତାଙ୍କ ଆରଧାନ କଲେ ଗୃହକର୍ତ୍ତା ବା ଘରର ମୁରବୀ ସମସ୍ତ ଶୁଭଫଳ ପ୍ରାପ୍ତ ହେବା ସହ ଘରର ପ୍ରତିକୂଳ ପ୍ରଭାବ ହ୍ରାସ ହୋଇ ସବୁକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ। କେବଳ ସେତିକି ନୁହେଁ ଗୃହଦୋଷ ଓ ଗ୍ରହ ଦୋଷ ଖଣ୍ଡନ ହୋଇଥାଏ। ସେହିପରି ଘରର ସମସ୍ତ ବାସ୍ତୁଦୋଷ, ପ୍ରତିକୂଳ ପରିସ୍ଥିତିରୁ ଭଲ ସ୍ଥିତିକୁ ରୂପାନ୍ତରିତ କରିଥିବା ସର୍ବଶକ୍ତିମାନ ହେଉଛନ୍ତି ଏହି ପଞ୍ଚମୁଖୀ ହନୁମାନ। ଆସନ୍ତୁ ଏହି କଳିଯୁଗରେ ସଦାସର୍ବଦା ବୀର ହନୁମାନଙ୍କ ନାମ ସ୍ମରଣ କରି ସବୁବେଳେ ସତ୍ୟ ଓ ଧର୍ମ ପଥରେ ଚାଲି ନିଜ ଜୀବନକୁ ଜଗତର କଲ୍ୟାଣ ପାଇଁ ଉତ୍ସର୍ଗ କରିବା। ଜୟ ବୀର ହନୁମାନ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,**
**ଦୂରଭାଷ : ୯୪୩୭୨୨୫୬୮୯**









ସ୍ମୃତି





## ହରେକୃଷ୍ଣ ମହତାବଙ୍କ

# ନୂଆ ରାଜଧାନୀର ନକ୍ସା : ଭୁବନେଶ୍ୱର




ରାଜଧାନୀ ଭୁବନେଶ୍ୱରର ଅୟମାରମ୍ଭ ୧୯୪୮ ଏପ୍ରିଲ ୧୩ ତାରିଖ ଦିନ ମହାବିଷ୍ୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଆରମ୍ଭ ହୋଇଥିଲାବେଳେ ଇତିମଧ୍ୟରେ ୭୩ ବର୍ଷ ଅତିକ୍ରାନ୍ତ ହୋଇଛି। ମାତ୍ର ୪୦ ହଜାର ଜନସଂଖ୍ୟା ବିଶିଷ୍ଟ ରାଜଧାନୀ ପାଇଁ ପ୍ରସ୍ତୁତ ହୋଇଥିବା ମାଷ୍ଟରପ୍ଲାନର ଭୁବନେଶ୍ୱର ଏବେ ୧୨ଲକ୍ଷ ଲୋକଙ୍କ ଜୀବନ ଜୀବିକାର ଆବାସସ୍ଥଳୀ। ଏହା ଏବେ ମହାନଗରୀରେ ପରିଣତ ହୋଇଛି ଏବଂ ଏହାର କଳେବର ବିଭିନ୍ନ ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ରାଜଧାନୀର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଏହା ଏକ ଆଦର୍ଶ ନଗରୀରେ ପରିଣତ ହେବ ବୋଲି କହିଥିଲେ। ସମୟ ଗଡ଼ି ଚାଲିବା ସହିତ ଭୁବନେଶ୍ୱର ଏନଏସିର ରୂପ ବଦଳି ଏହା ମ୍ୟୁନିସିପାଲଟି ଓ ପରେ ମହାନଗର ନିଗମରେ ପରିଣତ ହୋଇଛି। ୬୭ ବର୍ଷରେ ରାଜଧାନୀ ଭୁବନେଶ୍ୱର ପଦାର୍ପଣ କରିଥିଲାବେଳେ ଏହି ଅବସରରେ ରାଜଧାନୀର ନକ୍ସାରେ ବ୍ୟାପକ ପରିବର୍ତ୍ତନ ଘଟିଛି। ବହୁ ସଫଳତା ଓ ବିଫଳତା ମଧ୍ୟ ଦେଇ ଏହି ସହର ଆଗକୁ ମାଡ଼ି ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ରାଜ୍ୟ ସରକାର ୧୯୮୨ରେ ବିଡିଏ ଗଠନ କରିଥିଲେ। ଇତିମଧ୍ୟରେ ଓଡ଼ିଶାର ପ୍ରଥମ ସହର ଭାବରେ ଭୁବନେଶ୍ୱରରେ ପିପି ସ୍କିମ କାର୍ଯ୍ୟକାରୀ ହେଉଛି। ଭୁବନେଶ୍ୱର ଉପକଣ୍ଠରେ ମୋଟ ୫୮ଟି ରାଜସ୍ୱ ଗ୍ରାମରେ ୪୫ ଟାଉନ ପ୍ଲାନିଂ ସ୍କିମ କରି ଏହାକୁ ସହରୀକରଣ ଢ଼ାଞ୍ଚାରେ ପରିଣତ କରିବା ପାଇଁ ଲକ୍ଷ୍ୟ ରହିଛି। ଭୁବନେଶ୍ୱର ମହାନଗର ନିଗମର ସବୁଠାରୁ ବଡ଼ ଶପଥ ଥିଲା ଦେଶର ଏକ ନମ୍ବର ସ୍ମାର୍ଟ ସିଟି ମାନ୍ୟତା ଏହାପାଇଁ ବିଏମ୍‌ସି ସବୁଆଡୁ ପ୍ରଶଂସା ମଧ୍ୟ ପାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟିକୁ ସିଟିଜ୍ ଆୱାର୍ଡ ମିଳିଛି। ମନ୍ଦିରମାଳିନୀ ସହର ଦେଶର ଏକ ନମ୍ବର ସ୍ମାର୍ଟ ସିଟିରେ ପରିଣତ ହୋଇଛି। ୧୯୪୮ ମସିହାରୁ ବିଜ୍ଞପିତ ଅଞ୍ଚଳ ପରିଷଦରୁ ଯାତ୍ରା ଆରମ୍ଭ କରି ୧୯୭୯ ମୁନ୍‌ସିପାଲଟି ମାନ୍ୟତା ପାଇଥିଲା। ପରେ ୧୯୯୪ରେ ମିଳିଥିଲା ମହାନଗର ନିଗମ ଟ୍ୟାଗ। ୧୯୪୮ ମସିହା ଅପ୍ରେଲ ୧୩ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଭୁବନେଶ୍ୱରରେ ରାଜ୍ୟର ନୂଆ ରାଜଧାନୀର ଭିତ୍ତିପ୍ରସ୍ଥର ସ୍ଥାପନା କରିଥିଲେ। ଜର୍ମାନ ଆର୍କିଟେକ୍ଟ ଋଓଟୋ କୋନିଙ୍ଗବର୍ଜର ମୁଖ୍ୟ ବିଦ୍ଧାଣୀ ସାଜି ଭୁବନେଶ୍ୱରର ଡିଜାଇନ୍ ପ୍ରସ୍ତୁତ କରିଥିଲେ। ସେତେବେଳେ ଭୁବନେଶ୍ୱରର ଜନସଂଖ୍ୟା ଥିଲା ମାତ୍ର ୨୦ ହଜାର। ତେବେ ୨୦୧୧ ଜନଗଣନା ଅନୁଯାୟୀ ଭୁବନେଶ୍ୱରର ଜନସଂଖ୍ୟା ବୃଦ୍ଧି ପାଇ ୮ଲକ୍ଷ ୪୦ ହଜାର ୬୪୩ ପହଞ୍ଚିଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରର ଜନସଂଖ୍ୟା ପାଖାପାଖି ୧୫ ଲକ୍ଷ ଟପିଥିବା ଅନୁମାନ କରାଯାଉଛି।











ନୂଆ ରାଜଧାନୀ ପ୍ରତିଷ୍ଠା ପାଇଁ ଦୁଇକୋଟି ଟଙ୍କା ଦରକାର ପଡ଼ିଥିଲା। ସେତେବେଳର ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବଙ୍କ ପାଇଁ ଏହାଥିଲା ବହୁତ ବଡ଼ ସମସ୍ୟାର କଥା। ଏହି ସମୟରେ କେନ୍ଦ୍ରର ତତ୍କାଳୀନ ଅର୍ଥ ବିଭାଗ ମୁଖ୍ୟ ଥିଲେ ଲିୟାକତ୍ ଅଲ୍ଲୀ ସେ ଥିଲେ ମୁସଲିମ ଲିଗର ରାଜନେତା। ତାଙ୍କୁ ଯେତେବେଳେ ମହତାବ ଭେଟି ଅର୍ଥ ମଞ୍ଜୁର ପାଇଁ ସହାୟତା ମାଗିଲେ ସେ ସିଧା ମନା କରିଦେଲେ। ତେବେ ରାଜନୀତିରେ ବେଶ ଚତୁର ଚାଣକ୍ୟ ଡକ୍ଟର ମହତାବ ତାଙ୍କର ଟ୍ରମ୍ପ କାର୍ଡ଼ ଖେଳିଥିଲେ। ସେ କହିଥିଲେ ଓଡ଼ିଶା ଏକ ହିନ୍ଦୁ ପ୍ରଦେଶ। ଜଣେ ମୁସଲମାନ ନେତାଙ୍କ ଦ୍ୱାରା ଏହା ଅବହେଳିତ ହେଉଛି ବୋଲି ଭାବନା ଯଦି ଜନସମାଜକୁ ଯିବ ଏହା ଆଦୌ ଗ୍ରହଣୀୟ ହେବନାହିଁ। ତତ୍କାଳ ଅର୍ଥମନ୍ତ୍ରୀ ଲିୟାକତ୍ ଅର୍ଥ ମଞ୍ଜୁର କଲେ। ସ୍ୱାଧୀନ ଭାରତରେ ଭୁବନେଶ୍ୱର ହିଁ ଏକମାତ୍ର ରାଜ୍ୟ ଯାହାକୁ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ଅର୍ଥ ମଞ୍ଜୁର କରିଥିଲେ। ଅନ୍ୟ ସମସ୍ତ ରାଜ୍ୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ନିକଟରୁ ଧାର ସୂତ୍ରରେ ଅର୍ଥ ଆଣି ପରେ ଶୁଝିଛନ୍ତି।

୧୯୪୩ ମସିହା କଟକ ରେଭେନ୍ସା କଲେଜ କ୍ୟାମ୍ପସରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିବାବେଳେ ପରେ ଏହା ଭୁବନେଶ୍ୱରକୁ ଉଠି ଆସିଥିଲା। ୧୯୫୮ ମସିହା ଜାନୁଆରୀ ୧ ତାରିଖରେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ ଶିଳାନ୍ୟାସ କଲେ। ୧୯୬୩ ଜାନୁଆରୀ ୨ ତାରିଖରେ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ ଏହାର ଉଦ୍‌ଘାଟନ କରିଥିଲେ। ନୂଆ ରାଜଧାନୀ ହେବାପରେ ଭୁବନେଶ୍ୱରରେ ବିଧାନସଭା ଚାଲିଲା ଯାହାକି ପୂର୍ବରୁ କଟକ ରେଭେନ୍ସା କଲେଜର ଆସେମ୍ବ୍ଲିହଲରେ ବିଧାନସଭା ଚାଲିଥିଲା। ପ୍ରଥମେ ୟୁନିଟ-୨ ଅଞ୍ଚଳରେ ବିଧାନ ସୌଧ ନିର୍ମାଣ ହେଲା। ସେଠାରେ କିଛିଦିନ ବିଧାନ ସଭା ଚାଲିବା ପରେ ନୂଆ ବିଧାନ ସଭା ବିଲଡିଂ ନିର୍ମାଣ ହେଲା। ୧୬.୪୮ ବର୍ଗକିଲୋମିଟର ଅଞ୍ଚଳ ଓ ୨୦ ହଜାର ଜନସଂଖ୍ୟାଙ୍କୁ ନେଇ ଗୃହନିର୍ମାଣ ଓ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡକ୍ଟର ଓଟୋ.ଏଚ୍.କନସିବର୍ଗ ରାଜଧାନୀର ପରିକଳ୍ପନା କରିଥିଲେ। କଳ୍ପନା ଛକରୁ ରାଜଭବନ ଓ ଶିଶୁଭବନରୁ ସତ୍ୟନଗର ଯାଏ ସୀମିତ ଥିଲା ରାଜଧାନୀର ସରହଦ। ସ୍ୱାଧୀନ ଭାରତର ପ୍ରଥମ ଯୋଜନାବଦ୍ଧ ସହ ଥିଲା ଭୁବନେଶ୍ୱର। ଯଦିଓ ଏହି ତାଲିକାରେ ଜାମସେଦପୁର ଓ ଚଣ୍ଡୀଗଡ଼ ବି ଥିଲା ହେଲେ ଭୁବନେଶ୍ୱର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା।

ପୂର୍ବ ଯୋଜନା ମୁତାବକ ମହତାବ ଟ୍ରେନ୍‌ରେ ବୁଦ୍ଧେଶ୍ୱରୀ ଷ୍ଟେସନ ଆସିଲେ। ଆଉ ସେଇଠୁ ଗୋକୁଳାନନ୍ଦ ଜେନାଙ୍କ ଶଗଡ଼ ଗାଡ଼ିରେ ବଡ଼ଗଡ଼ ସ୍ଥିତ ପତିତପାବନ ଦିଅଁଙ୍କ ପାଖରେ ପହଞ୍ଚିଲେ। ଯେଉଁଠି ପୂର୍ବରୁ ଭୁବନେଶ୍ୱରବାସୀଙ୍କ ସମେତ ଭିଙ୍ଗାରପୁର ଜମିଦାର ଚୌଧୁରୀ ନୀଳକଣ୍ଠ ଦାସ, ଚୌଧୁରୀ ଗଙ୍ଗାଧର ଦାସ, ବାଲିଅନ୍ତାର ଗାନ୍ଧୀ କୁହାଯାଉଥିବା ଦାଶରଥି ମହାନ୍ତି, ମହାଦେବ ମହାନ୍ତି, ଜୟକୃଷ୍ଣ ସାହୁ, ବଡ଼ଗଡ଼ର ସୁରେନ୍ଦ୍ର ସୁନ୍ଦରାୟ ଉପସ୍ଥିତ ଥିଲେ। ମହତାବ ସମସ୍ତ ସଭାଜନଙ୍କୁ ଆହ୍ୱାନ ଦେଇ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା କରିବାର ପ୍ରସ୍ତାବ ଦେଲେ। ଆଉ ସମର୍ଥନ କରିବାକୁ ନିବେଦନ କଲେ। ପତିତପାବନଙ୍କ ପାଖରେ ସାକ୍ଷୀ ରଖି ପୁରା ରାଜଧାନୀବାସୀ ମହତାବଙ୍କ ପଛରେ ଅଛୁ ବୋଲି ନାରା ଦେଇଥିଲେ। ପରେ ଅରୁଆ ଡାଲମା, ଖଟା ଖାଇ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ହେବାର ମୂଳଦୁଆ ପଡ଼ିଲା। ଆସନ୍ତୁ ନୂଆ ରାଜଧାନୀ ଗଠନରେ ଆମେ ସମସ୍ତେ ସବୁ ଭେଦଭାବ ଭୁଲି ସହାୟତା ଓ ସହଯୋଗର ହାତ ବଢ଼ାଇବା। କଟକର କଳେବରକୁ ଲୋକସଂଖ୍ୟା ନ ସୁହାଇବାରୁ ମହତାବ ନୂଆ ରାଜଧାନୀ ପାଇଁ ଚିନ୍ତା କଲେ। ଜମି ପାଇଁ ଟଙ୍କା ନଦେବାକୁ ପଡ଼ିବ ବୋଲି ଭୁବନେଶ୍ୱରକୁ ହିଁ ତାଲିକାରେ ସବୁଠୁ ଆଗରେ ରଖାଗଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ସୈନିକ ଭୁବନେଶ୍ୱରକୁ ଗୁରୁତ୍ୱ ଦେଇଥିବାରୁ ଏଠାରେ ଏୟାର ଷ୍ଟ୍ରିପ୍ ନିର୍ମାଣ ହୋଇସାରିଥିଲା ଓ ଟ୍ରେନ ଚଳାଚଳର ସୁବିଧା ଥିଲା ଯାହାପାଇଁ ପଡ଼ୋଶୀ ରାଜ୍ୟ ପାଇଁ ଯୋଗାଯୋଗର ସୁବିଧା ବଡ଼ ଯୁକ୍ତି ରଖିଥିଲା। ଏହା ବ୍ୟତୀତ ଖୋର୍ଦ୍ଧା ଜିଲ୍ଲା ବୀର ପାଇକଙ୍କ ଗଡ଼ କୁହାଯାଉଥିଲା।

ତେଣୁ ସବୁ ଦୃଷ୍ଟିରୁ ଭୁବନେଶ୍ୱର ହିଁ ରାଜଧାନୀ ପ୍ରତିଷ୍ଠା ପାଇଁ ଆଗରେ ରହିଥିଲା। ଏହାଭିତରେ ବଦଳିଛି ଭୂଗୋଳ, ଜଳବାୟୁ ଆଉ ଲୋକଙ୍କ ଜୀବନଶୈଳୀ। ରାଜ୍ୟ ଭିତରୁ ନୁହେଁ ବାହାର ରାଜ୍ୟରୁ ବି ଲୋକେ ଆସି ଏଠି ବସା ବାନ୍ଧିଛନ୍ତି। ସହଜ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନା ଗମନ ବ୍ୟବସ୍ଥାର ସହଜଲଭ୍ୟତା ଆଦି ଲୋକଙ୍କୁ ରାଜଧାନୀ ମୁହାଁ କରିଛି। ରାଜଧାନୀର ପ୍ରତିଷ୍ଠା ଦିବସ ପାଇଁ ସମଗ୍ର ଓଡ଼ିଶାବାସୀଙ୍କ ତରଫରୁ ରାଜଧାନୀ ବାସିନ୍ଦା ମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।

**ବିପିନ ବିହାରୀ ରାଉତ**
**ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,**
**E-mail**
**:bipinrout@rediffmail.com**

ଅପେରା ଆଇଟମ୍

# ଯାତ୍ରା ପାଇଁ ସରୁନି ଯାତରା

ଶ୍ରୀଗୋବିନ୍ଦ

ଯାତ୍ରା ପାଇଁ ସରୁନି ଯାତରା ! ସବୁଆଡ଼େ ଏହି ଯାତ୍ରାକୁ ନେଇ ଚର୍ଚ୍ଚା । କେତେବେଳେ ମାଲିକ ଏକଜୁଟ୍ ହୋଇ କଳାକାରଙ୍କୁ ଯାତ୍ରା ବାସନ୍ଦ କଲେଣି ତ କେତେବେଳେ କଳାକାର ନିଜ ସ୍ୱାର୍ଥ ପାଇଁ ଅନ୍ୟ କଳାକାରଙ୍କ ପାଇଁ ମୁହଁ ଖୋଲୁ ନାହାନ୍ତି ତ କେତେବେଳେ ଅନ୍ୟ ସାଥୀ କଳାକାର ଅନ୍ୟ ନିର୍ଯାତିତ କଳାକାରଙ୍କ ସପକ୍ଷରେ ବାହାରି ମାଲିକମାନଙ୍କ ବିରୋଧରେ କହିଲେଣି । ଯାତ୍ରାରେ ଟଣାଓଟରା ଏପରି ଲାଗିଲେଣି ଯେ ବୁଦ୍ଧିଜୀବୀ ଦର୍ଶକ ଯାତ୍ରାରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଲେଣି । ଯାତ୍ରା ନିଜର ମାନଦଣ୍ଡ ରକ୍ଷା କରିବା ନୁହେଁ ବରଂ ଅନେକ ଅଯଥା କଥାରେ ଦିଶାହୀନ ହେବାକୁ ବସିଲାଣି ବୋଲି ସଚେତନ ଦର୍ଶକ ମଧ୍ୟ କହୁଛନ୍ତି । ଯେମିତି ପୂର୍ବରୁ ଯାତ୍ରା ଅନେକ କିଛି କଥାକୁ ଗୁରୁତ୍ୱ ଦେଇ କଳାକୁ ନିପୂଣ ଭାବେ ପ୍ରଦର୍ଶନ କରିବାକୁ ପ୍ରଚେଷ୍ଟାରେ ଥିଲେ, ଏବେ ଆଉ ତାହା ନାହିଁ ବରଂ କେମିତି ଭେଳିକି ଦେଖାଇ ଭଲ ବ୍ୟବସାୟ କରିବେ ସେହି ଚିନ୍ତାରେ ପ୍ରଯୋଜକମାନେ ରହିଛନ୍ତି । କଳା ପଛେ ଚୁଲିକୁ ଯାଉ ନିଜ ଯାତ୍ରା ପାର୍ଟି ବଞ୍ଚିରହୁ, ଏହି ନ୍ୟାୟରେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଯାତ୍ରା ପାର୍ଟି ସଂଖ୍ୟା ବଢ଼ିବାରେ ଲାଗିଛି ସିନା କଳାର ମାନକୁ ବଜାୟ ରଖିବାକୁ କେହି ଯେମିତି ପ୍ରଚେଷ୍ଟାରେ ନାହାନ୍ତି । ଯାତ୍ରାର ଏଭଳି ପରିସ୍ଥିତି ହେଲାଣି, ନାଟକ ନାଟକ ବାଟରେ, ନାଚ ନାଚ ବାଟରେ ଚାଲୁଛନ୍ତି । ଭଲ ନାଟକର ମାନ ନିର୍ଦ୍ଧାରଣ ହେଉଛି ନା ଭଲ ନାଟକ କରିବାକୁ ପ୍ରୟାସ ଜାରି ରହୁଛି । ଯିଏ ଯେଉଁ ଢ଼ଙ୍ଗରେ ପାରିଲେ ନାଟକ ପରିବେଷଣ କରୁଛନ୍ତି, ଯାହା ଦର୍ଶକଙ୍କୁ ବାନ୍ଧି ରଖିବାର କ୍ଷମତା ରଖୁନି ବୋଲି ଯାତ୍ରା ଦର୍ଶକ କହୁଛନ୍ତି । କିଛି ନିର୍ଦ୍ଦିଷ୍ଟ କଳାକାରଙ୍କୁ ନେଇ ଯାତ୍ରା ପାର୍ଟି ଗଠନ କରିଦେଲେ ଯେ ଯାତ୍ରା ପାର୍ଟି ଚାଲିବ, ସେମିତି କିଛି ଗ୍ୟାରେଣ୍ଟି ନାହିଁ । ଏ ଦିଗରେ ସବିଶେଷ ଯତ୍ନ ପ୍ରଯୋଜକଙ୍କର ରହୁନାହିଁ । ଦିନକୁଦିନ ବାଦବିବାଦ ମଧ୍ୟରେ ଯାତ୍ରା ଛନ୍ଦି ଯାଉଛି ବରଂ ଓଡ଼ିଶାର କଳାକୁ ବଞ୍ଚାଇବାକୁ ପ୍ରୟାସ ଜାରି ରଖିବା ଦରକାର ।



## ଖୋଜା ଯାଉନାହିଁ ଭଲ ନାଟକ:

ଯାତ୍ରା ପାର୍ଟିରେ ଆଉ ଭଲ ନାଟକ ନାହିଁ ଦର୍ଶକ ଯାହା କହୁଛନ୍ତି, ସେମାନେ କିଛି ମିଛ କହୁ ନାହାନ୍ତି । ଆଜି ସେହି ଦର୍ଶକ ରହିଛନ୍ତି, ଯେଉଁମାନେ କେବଳ ନାଟକକୁ ଭଲ ପାଆନ୍ତି ଓ ନବେ ଦଶକ ଠାରୁ ଅନେକ ଭଲ ନାଟକ ଦେଖି ଆସିଛନ୍ତି । ସେଦିନର ନାଟ ଓ ଆଜିର ନାଟକ ଦେଖିଥିବା ଲୋକମାନେ କୁହନ୍ତି, ଆଗ ଭଳି ଆଉ ଯାତ୍ରାରେ ନାଟକ ନାହିଁ । ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିବାକୁ ଯେଭଳି ଭାବରେ ଯାତ୍ରାରେ ମେଲୋଡି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି, ନାମକୁ ମାତ୍ର ନାଟକ ପରିବେଷଣ କରାଯାଉଛି । ଯେଉଁ କଳାକାରମାନେ ସେକାଳରେ ଅଭିନୟ କରୁଥିଲେ, ଆଜି



ସେମାନଙ୍କ ମଧ୍ୟରୁ ଯାତ୍ରାରେ ଅଧିକାଂଶ ରହିଛନ୍ତି । ସେତେବେଳେ ଦର୍ଶକମାନେ ଯେତିକି ଆକୃଷ୍ଟ ହେଉଥିଲେ, ଆଜି ସେତିକି ପ୍ରକୃତ ନାଟକ ଦେଖିବା ଲୋକ ନାହାନ୍ତି । ମେଲୋଡି ସରୁ ସରୁ ପ୍ୟାଭିଲିୟନ ଫାଙ୍କା ହୋଇଯାଉଛି । ଯେଉଁ କେତେଜଣ ମାତ୍ର ନାଟକ ଦେଖିବାକୁ ବସି ରହୁଛନ୍ତି, ସେମାନେ ନାଟକ ଦେଖିବା ପରେ ନିରାଶ ହେଉଛନ୍ତି । ନାଟକ ଯେତେବେଳେ ଭଲ ନାହିଁ, କଳାକାର ବାଧ୍ୟ ହୋଇ ଅତିରଞ୍ଜିତ ଅଭିନୟ କରିବାକୁ ବାଧ୍ୟ ହେଉଛନ୍ତି । ଫଳରେ ନାଟକ ବଦଳରେ ଅଧିକ ବିରକ୍ତିକର ଅଭିନୟ ଦେଖିବାକୁ ଭଲ ଦର୍ଶକଙ୍କୁ ଭଲ ଲାଗୁନାହିଁ । କଳାକାର ଜଣେ ଅଭିନୟକୁ ଜୀବନ୍ତ କରିବା ଯେତିକି ଜରୁରୀ, କଦର୍ଥ ଅଭିନୟ କରିବା ସେତିକି ଅକ୍ଷମଣୀୟ । ନାଟକରେ ଚରିତ୍ରକୁ ନ୍ୟାୟ ଦେବାକୁ ଅଭିନେତା ହସ, କାନ୍ଦକୁ ଯେଭଳି ଗୁରୁତ୍ୱ ଦେବା କଥା ନଦେଇ ଯଦି ଅନେକ ଅନାବଶ୍ୟକ କଥାକୁ ଗୁରୁତ୍ୱ ଦିଏ, ତାହେଲେ ଦର୍ଶକ ବୋରିଂ ବା ନହେବ କାହିଁକି ? ଏଣୁ ଭଲ ନାଟକ ଖୋଜା ନଗଲେ, ଏହି ସଚେତନ ଦର୍ଶକଙ୍କୁ ଯାତ୍ରା ପାର୍ଟି ଭବିଷ୍ୟତରେ ହରାଇବା ସାର ହେବ ।



ମାଳବିକା

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com